# ଶ୍ରୀମନ୍ଦିର ଘିଅର ଶୁଦ୍ଧତାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୨୪ା୯(ଅଜିତ୍ କୁମାର ମହାନ୍ତି)

■ଫୁଡ୍ ସେଫ୍ଟି ଅଫିସରଙ୍କ ଦ୍ୱାରା ଯାଞ୍ଚ ହେବ: ଜିଲାପାଳ

■ପ୍ରଶାସନ ଘିଅ ଯୋଗାଉଛି: ସୁଆର ମହାସୁଆର ନିଯୋଗ

ତିରୁପତି ମନ୍ଦିରରେ ପଶୁ ଚର୍ବିଯୁକ୍ତ ଘିଅରେ ଲଡୁ ପ୍ରସାଦ ପ୍ରସ୍ତୁତ ହେଉଥିବା ଖବର ସାମ୍ନାକୁ ଆସିବା ପରେ ଶ୍ରୀମନ୍ଦିରରେ ମହାପ୍ରସାଦର ମାନକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କେବଳ ମହାପ୍ରସାଦ ନୁହେଁ, ବରଂ ଶୁଖିଲି ଭୋଗ ଓ ଦୀପରେ ନକଲି ଘିଅ ବ୍ୟବହାର ହେଉଥିବା ଆଶଙ୍କା କରାଯାଉଛି। ଏ ନେଇ ସାମାଜିକ କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଅଭିଯୋଗ କରିବା ସହ ମହାପ୍ରସାଦରେ ବ୍ୟବହାର ହେଉଥିବା ଘିଅର ମାନ ଯାଞ୍ଚ କରାଯିବାକୁ ଦାବି କରିଛନ୍ତି। ସେହିପରି ଅନେକ ଭକ୍ତ ଏ ନେଇ ଦାବି କରିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୁବଶୀଘ୍ର ଘିଅର ମାନ ଯାଞ୍ଚ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ସୂଚନା ଦେଇଛନ୍ତି।

ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମହାପ୍ରସାଦଠାରୁ ଆରମ୍ଭ କରି ସମସ୍ତ



ପ୍ରସାଦ ଘିଅରେ ପ୍ରସ୍ତୁତ ହେଉଛି। ତେଣୁ ଘିଅର ମାନ ଯାଞ୍ଚ କରାଯିବା ସହ ଭକ୍ତଙ୍କୁ ସୂଚନା ଦିଆଯାଉ। ସେହିପରି ଦୀପ ଦୋକାନୀମାନେ କେଉଁ ପ୍ରକାର ଘିଅ ବ୍ୟବହାର କରି ଦୀପ ବିକ୍ରି କରୁଛନ୍ତି ତାହାର ମଧ ମାନ ପରୀକ୍ଷା ହେଉ। ଭକ୍ତଙ୍କ ଭାବାବେଗ ସହ ଯେପରି ଖେଳ ଖେଳା ନ ଯିବ, ସେଥିପ୍ରତି ପ୍ରଶାସନ ସଜାଗ ରହିବା ଆବଶ୍ୟକ। ଯଦି ନକଲି ଘିଅ ବ୍ୟବହାର ହେଉଥିବା ଜଣାପଡ଼େ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

ଅପରପକ୍ଷେ ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଶ୍ରୀମନ୍ଦିରକୁ ୧ ନମ୍ବର ଅର୍ଥାତ୍ ଅତି ଉତ୍ତମ ମାନର ସାମଗ୍ରୀ ଆସିଥାଏ। ମହାପ୍ରଭୁଙ୍କ କୋଠ ଭୋଗରେ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇଥାଏ। ପୂର୍ବରୁ ମହାପ୍ରଭୁଙ୍କ ଭୋଗରେ ଗୁଆଘିଅ ବ୍ୟବହାର ହେଉଥିଲା। ତେବେ ବର୍ତ୍ତମାନ ଓମ୍ଫେଡ୍ ଘିଅ ବ୍ୟବହାର ହେଉଛି। ଏପରିକି ଦୀପ ଦୋକାନଗୁଡ଼ିକରେ ମଧ ଓମ୍ଫେଡ୍ ଘିଅ ବ୍ୟବହାର କରାଯାଉଛି। ଶୁଖିଲା ମହାପ୍ରସାଦଠାରୁ ଆରମ୍ଭ କରି ବରାଦି ମହାପ୍ରସାଦ ପର୍ଯ୍ୟନ୍ତ ସବୁଠି ଓମ୍ଫେଡ୍ ଘିଅ ବ୍ୟବହାର ହେଉଛି। ବାହାର ଘିଅ ବ୍ୟବହାର କରାଯାଉନାହିଁ। ଉତ୍ତମ ମାନର ଘିଅ ଶ୍ରୀମନ୍ଦିରରେ ବ୍ୟବହାର କରାଯାଉଛି। ଶ୍ରୀମନ୍ଦିରରେ ମହାପ୍ରସାଦ ଓ ଦୀପରେ ନକଲି ଘିଅ ବ୍ୟବହାର ଅଭିଯୋଗକୁ ମହାସୁଆର ଖଣ୍ଡନ କରିଛନ୍ତି। ଯଦି ଶ୍ରୀମନ୍ଦିର ପ୍ରଶାସନ ଯାଞ୍ଚ କରିବାକୁ ଚାହିଁବେ ତେବେ ତାହାକୁ ଆମେ ସ୍ୱାଗତ କରିବୁ ବୋଲି ମହାସୁଆର କହିଛନ୍ତି। ସେହିପରି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରସାଦ, ବରାଦି ମହାପ୍ରସାଦ ଓ କୋଠ ଭୋଗରେ ବ୍ୟବହାର ହେଉଥିବା ଘିଅର ମାନ ଯାଞ୍ଚ କରାଯିବ। ବିଭିନ୍ନ ପ୍ରକାର ଘିଅ ବ୍ୟବହାର ହେବାର ସମ୍ଭାବନା ରହିଛି। ତେଣୁ ଏନେଇ ସୁଆର ମହାସୁଆର ନିଯୋଗ, କୋଠସୁଆର ଏବଂ ଓମ୍ଫେଡ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଯେପରି ଉତ୍ତମ ମାନର ଘିଅ ବ୍ୟବହାର ହେବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ମହାପ୍ରସାଦ ସହ ଦୀପରେ ବ୍ୟବହୃତ ଘିଅକୁ ଫୁଡ୍ ସେଫ୍ଟି ଅଫିସରଙ୍କ ଦ୍ୱାରା ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ। ଦୀପଦୋକାନରେ ମଧ ଘିଅର ମାନ ଯାଞ୍ଚ କରାଯିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

## ଉଚ୍ଚ ଶିକ୍ଷାନୁଷ୍ଠାନରେ ପରିବେଶ ଶିକ୍ଷାକୁ ଗୁରୁତ୍ୱ

### ଚିଠି ଲେଖି ଅନୁରୋଧ କଲା ୟୁଜିସି

ଭୁବନେଶ୍ୱର,୨୪ା୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପରିବେଶ ଶିକ୍ଷା ପାଠ୍ୟକ୍ରମ ପ୍ରଚଳନ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମଙ୍ଗଳବାର ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ସ୍ନାତକ ଶିକ୍ଷାରେ ପରିବେଶ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଗତ ବର୍ଷ ଜୁନରେ ୟୁଜିସିର ମାର୍ଗଦର୍ଶିକା ପ୍ରକାଶ ପାଇଥିଲା। କେତେକ ଶିକ୍ଷାନୁଷ୍ଠାନରେ ଏହି ପାଠ୍ୟକ୍ରମ ଯୋଡ଼ା ଯାଇଛି। ଏହି ବିଷୟକୁ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁ କରିବା ପାଇଁ ୟୁଜିସି ପକ୍ଷରୁ ପୁଣି ଥରେ ଅନୁରୋଧ କରାଯାଇଛି। ସୂଚନା ଥାଉକି, ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନ ଏହି ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନରେ ବାଧ୍ୟତାମୂଳକ କରିବା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମଧ ରହିଛି। ଏହି ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟ ପରିଚାଳନା, ପରିବେଶ ସୁରକ୍ଷା ଦିଗରେ ସୃଷ୍ଟି ହୋଇଥିବା ଆହ୍ୱାନର ମୁକାବିଲା ଆଦି ଦିଗରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ନେଇ ବିଷୟବସ୍ତୁ ସାମିଲ କରାଯାଇଛି।

# ଜିପିଆର୍ ସର୍ଭେ ପରେ ଡ୍ରିଲିଂ ଆରମ୍ଭ



କୋଣାର୍କ,୨୪ା୯(ଜ୍ୟୋତିରାଜ ମହାନ୍ତି)

### ସୂର୍ଯ୍ୟମନ୍ଦିର ପରିସର ତଳେ ପ୍ରାଚୀନ କୀର୍ତ୍ତିରାଜି

ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ମାଟିତଳେ ପ୍ରାଚୀନ କୀର୍ତ୍ତିରାଜିର ସନ୍ଧାନ ପାଇଁ ସୋମବାରଠାରୁ ଚାଲିଥିବା ଜିପିଆର୍ ସର୍ଭେ ମଙ୍ଗଳବାର ଶେଷ ହୋଇଛି। ମନ୍ଦିରର ଉତ୍ତର, ପୂର୍ବ ଓ ଦକ୍ଷିଣ ପାର୍ଶ୍ୱରେ ରେଡିଓ ୱେଭ ସାହାଯ୍ୟରେ ୧୫ ମିଟର ଭୂତଳକୁ ସ୍କାନିଂ କରାଯାଇଥିଲା। ମାଟି ତଳେ ଦୁଇ-ତିନୋଟି ସ୍ଥାନରେ ପ୍ରାଚୀନ କୀର୍ତ୍ତିରାଜି ଥିବାର ସନ୍ଧାନ ମିଳିବା ପରେ ମଙ୍ଗଳବାର ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ଅଗର ମେଶିନ ସାହାଯ୍ୟରେ ଡ୍ରିଲିଂ ଆରମ୍ଭ ହୋଇଛି। ଡ୍ରିଲିଂ ବେଳେ ନିର୍ଦ୍ଦିଷ୍ଟ କେତେ ଗଭୀରରେ କୌଣସି ଢାଞ୍ଚାର ସ୍ଥିତି ଜଣାପଡ଼ିଲେ ସେହି ଅନୁଯାୟୀ ସମ୍ପୃକ୍ତ ସ୍ଥାନଗୁଡ଼ିକରେ ଖନନ କରାଯିବ। ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ବହୁ ପୁରାତନ କୀର୍ତ୍ତିରାଜି ପୋତି ହୋଇରହିଥିବା ସର୍ଭେ ସମୟରେ ଜଣାପଡ଼ିଥିଲା। ଏହି ପୁରାତନ କୀର୍ତ୍ତିରାଜିଗୁଡ଼ିକୁ ଖୋଲି ବାହାର କରିବା ପାଇଁ ଏଏସ୍ଆଇ ଏବଂ ଜାତୀୟ ଭୂ- ଭୈତିକ ଗବେଷଣା ସଂସ୍ଥା (ଏନ୍ଜିଆର୍ଆଇ) ମିଳିତ ଭାବେ ଜିପିଆର୍ ସର୍ଭେ କରିଥିଲେ। ଏଏସ୍ଆଇର ପୁରୀ ମଣ୍ଡଳ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ସମ୍ମୁଖସ୍ଥ ଶହେ ଫୁଟରେ ସର୍ଭେ କରାଯାଇଥିଲା। ପ୍ରାୟ ୫ଘଣ୍ଟାରୁ ଅଧିକ ସମୟ ହେବ କେତେ ଗଭୀରତାରେ କେଉଁ ଅବସ୍ଥାରେ ମୂର୍ତ୍ତିଗୁଡ଼ିକ ରହିଛି ତାହା ଅନୁଧାନ କରାଯାଇ ବାହାର କରିବା ପାଇଁ ସତର୍କତା ଅବଲମ୍ବନ କରାଯାଉଛି। ଦୁଇଟି ଜାଗାରେ ବାଲି ତଳେ ମୂର୍ତ୍ତି ରହିଥିବା ଜଣାପଡ଼ିଛି। ଏ ନେଇ ଗଡ଼ନାୟକ କହିଛନ୍ତି, ବାଲି ତଳେ ପ୍ରାଚୀନ ଢାଞ୍ଚା ରହିଥିବା ଜଣାପଡ଼ିଛି। ଅନୁମତି ମିଳିଲେ ଖନନ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ସର୍ଭେ ସମୟରେ ଏଏସ୍ଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ, ଭୂତତ୍ତ୍ୱବିତ୍ ମାନସ ରଞ୍ଜନ ସ୍ୱାଇଁ, ଏନ୍ଜିଆର୍ଆଇର ପଦାଧିକାରୀ ଉପସ୍ଥିତ ଥିଲେ।

# ୬ ଜିଲାର ୨୪ ଗାଁକୁ 'ସୁନାମି ରେଡି' ଗ୍ରାମ ମାନ୍ୟତା ପାଇଁ ଆବେଦନ

ଭୁବନେଶ୍ୱର, ୨୪ା୯ (ବନ୍ଦନା ସେଠୀ)

### ଜାତୀୟ ସୁନାମି ମାନ୍ୟତା ବୋର୍ଡର ବୈଠକ

ଓଡ଼ିଶାର ୪୮୦ କି.ମି ସମୁଦ୍ରତଟ ପାର୍ଶ୍ୱବର୍ତ୍ତୀ ଜନବସତି ପ୍ରତି ସୁନାମି ବିପଦ ରହିଛି। ଏଥିରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ସମୁଦ୍ର କୂଳବର୍ତ୍ତୀ ୬ ଜିଲାର ୨୪ ଗାଁକୁ 'ସୁନାମି ରେଡି' ଗ୍ରାମ ଭାବେ ରୂପାନ୍ତରଣ କରାଯାଇଛି। ଏଗୁଡିକୁ 'ସୁନାମି ରେଡ଼ି' ଗ୍ରାମର ମାନ୍ୟତା ଦେବାକୁ ଜାତୀୟ ସୁନାମି ମାନ୍ୟତା ବୋର୍ଡ ନିକଟରେ ଆବେଦନ କରାଯାଇଛି ବୋଲି ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଜାତୀୟ ସୁନାମି ମାନ୍ୟତା ବୋର୍ଡ ସଦସ୍ୟଙ୍କ ବୈଠକରେ ସୂଚନା ଦିଆଯାଇଛି। ଏହି ଗ୍ରାମଗୁଡିକ ହେଉଛି ବାଲେଶ୍ୱର ଜିଲାର ଜୟଦେବ କସବା ପାହି, ଜଗନ୍ନାଥପୁର, କନ୍ୟାନଗରୀ ଓ ସାହାପୁର, ଭଦ୍ରକ ଜିଲାର ମୋହନପୁର, ଓଡୁଆଁ, କୃଷ୍ଣପୁର ଓ ବଡହାବେଳୀସାହି, କେନ୍ଦ୍ରାପଡା ଜିଲାର କଣ୍ଟିଲୋ, ତଣ୍ଡିଆପାଳ ଶାସନ, କଇଥା ଓ ଝିଙ୍କିରି, ଜଗତ୍ସିଂହପୁର ଜିଲାର ବାଘେଇପୁର, ଧନୁହରବେଲାରୀ, ସାହାଡ଼ାବେଦି ଓ ଭୁଇଁଆପାଳ, ପୁରୀ ଜିଲାର ନରସିଂହପୁର ପାଟଣା, କେଉଁଟଜଙ୍ଗା, ଛୋଟିପଡା ଓ ଖାଲକଟା ଏବଂ ଗଞ୍ଜାମ ଜିଲାର କଣ୍ଟିଆଗଡ, ପ୍ରାୟୋଗି, ଉପଲାପୁଟି ଓ ମାର୍କଣ୍ଡି ଗ୍ରାମ। ସେହିପରି ଗଞ୍ଜାମ ଜିଲାର ଭେଙ୍କଟରାୟପୁର ଓ ଜଗତ୍ସିଂହପୁର ଜିଲାର ନୋଳିଆସାହି ଗ୍ରାମକୁ ପୁନଃତାଲିକାଭୁକ୍ତ କରିବା ପାଇଁ ବୋର୍ଡ ନିକଟରେ ଅନୁରୋଧ କରାଯାଇଛି। ଏହି ଗ୍ରାମଗୁଡିକ ବିଷୟରେ କ୍ଷେତ୍ର ପରିଦର୍ଶନରେ ଯାଇଥିବା ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା କେନ୍ଦ୍ର (ଆଇଏନ୍ସିଓଆଇଏସ୍)ର ବୈଜ୍ଞାନିକମାନେ ବୈଠକରେ ସେମାନଙ୍କ ଅନୁଭୂତି ରଖିଥିଲେ। ଅନ୍ତର୍ଜାତୀୟ ସ୍ତରର ପ୍ରତିନିଧିମାନେ ବୈଷୟିକ ତଥ୍ୟ ରଖିଥିଲେ। ବିଭିନ୍ନ ଦଲିଲକୁ ଅନ୍ତର୍ଜାତୀୟ ସୁନାମି ପ୍ରସ୍ତୁତି ବୋର୍ଡକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନସଚିବ ତଥା ଓଏସ୍ଡିଏମ୍ଏର ପରିଚାଳନା ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଗୁଜରାଟ ଏବଂ ବିଶ୍ୱବ୍ୟାଙ୍କର ଅଧିକାରୀମାନେ ଯୋଗଦେଇଥିଲେ। ଭର୍ଚୁଆଲରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏନ୍ଡିଏମ୍ଏ), ଭୂ-ବିଜ୍ଞାନ ମନ୍ତ୍ରଣାଳୟ, ୟୁନେସ୍କୋର ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଓ ସୁଇଜରଲ୍ୟାଣ୍ଡ ଆଦି ଦେଶର ପ୍ରତିନିଧି ଯୋଗଦେଇଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୈଠକ ପରିଚାଳନା କରିଥିଲେ।



ଲୋକସେବା ଭବନରେ ଅନୁଷ୍ଠିତ ଜାତୀୟ ସୁନାମି ମାନ୍ୟତା ବୋର୍ଡ ବୈଠକ।

## ଆଜିଠୁ ରମାଦେବୀ ବିଶ୍ୱବିଦ୍ୟାଳୟ ଗସ୍ତରେ ନାକ୍ ଟିମ୍

ଭୁବନେଶ୍ୱର,୨୪ା୯ (ଶର୍ମିଷ୍ଠା ପାଣିଗ୍ରାହୀ)

ନ୍ୟାଶନାଲ ଆସେସ୍ମେଣ୍ଟ ଆଣ୍ଡ୍ ଆକ୍ରିଡିଟେଶନ କାଉନ୍ସିଲ ବା ନାକ୍ ମାନ୍ୟତା ପାଇବାକୁ ପ୍ରସ୍ତୁତ ହେଉଛି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ। ବୁଧବାର ନାକ୍ ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସି ୩ ଦିନ ଧରି ବିଭିନ୍ନ କ୍ଷେତ୍ରର ମୂଲ୍ୟାଙ୍କନ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ନୂଆ ରୂପରେ ସଜେଇ ହେଉଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ନାକ୍ ଗ୍ରେଡ୍ ପାଇବା ପାଇଁ ଏହା ହେଉଛି ପ୍ରଥମ ଉଦ୍ୟମ।

## ରାଜ୍ୟ ଉଦ୍ଭିଦ ଉଦ୍ୟାନ ଅସ୍ଥାୟୀ କର୍ମଚାରୀଙ୍କ ଧାରଣା

ତ୍ରିଶୂଳିଆ,୨୪ା୯ (ତୁଷାରକାନ୍ତ ବେହେରା)

ରାଜ୍ୟ ଉଦ୍ଭିଦ ଉଦ୍ୟାନରେ କାର୍ଯ୍ୟରତ ୩୭ ଅସ୍ଥାୟୀ କର୍ମଚାରୀ ପ୍ରବେଶ ଫାଟକ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ତରଫରୁ ମିଳିଥିବା ଆଇକାର୍ଡରେ ଦିନମଜୁରିଆ ବାହ୍ୟ କର୍ମଚାରୀ ଲେଖା ହୋଇଥିବାରୁ ସେମାନେ ପରିଚୟପତ୍ର ତ୍ୟାଗ କରିଥିଲେ। ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିସରକୁ କାର୍ଯ୍ୟ କରିବା ଲାଗି ପ୍ରବେଶ କରିବାବେଳେ ପରିଚୟପତ୍ର ନ ଥିବାରୁ ସେମାନଙ୍କୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ଫଳରେ କର୍ମଚାରୀମାନେ ସେମାନଙ୍କୁ ଉପଯୁକ୍ତ ପରିଚୟପତ୍ର ପ୍ରଦାନ ସହ ସ୍ଥାୟୀ ନିଯୁକ୍ତି ଦାବିରେ ଉଦ୍ଭିଦ ଉଦ୍ୟାନ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧାରଣାରେ ବସିବା ପରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ଆସି କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। କହିଥିଲେ ପରିଚୟପତ୍ର ନ ପିନ୍ଧିଲେ ଉଦ୍ଭିଦ ଉଦ୍ୟାନ ଭିତରକୁ ପ୍ରବେଶ ମିଳିବ ନାହିଁ। ପରିଚୟପତ୍ର ପିନ୍ଧି ଭିତରକୁ ଯାଇ କାମ କର। ସରକାରୀ ନିୟମ ପାଳନ କରି ଦାବି ହାସଲ ପାଇଁ ଯାହା କଲେ ଆମର ଆପତ୍ତି ନାହିଁ। କର୍ମଚାରୀମାନେ ବୁଝିପାରି ପରିଚୟପତ୍ର ନେଇ ଧାରଣା ଭାଙ୍ଗି ଉଦ୍ୟାନ ଭିତରକୁ କାମ କରିବା ପାଇଁ ଯାଇଥିଲେ।

# ସ୍କୁଲ ଛାତ୍ରୀଛାତ୍ରଙ୍କୁ ମିଳିବ ଏକକ ପରିଚୟ ପତ୍ର

ଭୁବନେଶ୍ୱର,୨୪ା୯(ଶର୍ମିଷ୍ଠା ପାଣିଗ୍ରାହୀ)

### ୩୦ରେ ବସିବ ସ୍ୱତନ୍ତ୍ର ଅଭିଭାବକ ବୈଠକ

ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଲାଗୁହେବ ଏକକ ପରିଚୟ ପତ୍ର। ସମସ୍ତ ସରକାରୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଆଇଡେଣ୍ଟିଫିକେଶନ ନମ୍ବର ମିଳିବ। ଆଧାର କାର୍ଡ ପରି ଏକ ସ୍ୱତନ୍ତ୍ର ଆଇଡି ପ୍ରସ୍ତୁତ କରାଯିବ। ପିଲାଙ୍କ ଶିକ୍ଷାଗତ ଯୋଗ୍ୟତାଠାରୁ ଆରମ୍ଭ କରି ସଫଳତା ଆଦି ସମସ୍ତ ତଥ୍ୟ ଏହି କାର୍ଡରେ ରହିବ। ଫଳରେ ପିଲାଟି ଅନ୍ୟ ଯେକୌଣସି ସ୍କୁଲକୁ ଭବିଷ୍ୟତରେ ପଢ଼ିବାକୁ ଯିବା ସମୟରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ମଧ ବହୁଉପାଦେୟ ହେବ। ତେବେ ରାଜ୍ୟରେ ଛାତ୍ରୀଛାତ୍ରଙ୍କ ପାଇଁ ଅଟୋମେଟେଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି (ଏପିଏଏଆର୍) ରହିବ ଓ ୧୨ ଅଙ୍କ ବିଶିଷ୍ଟ ଏହି ନମ୍ବରରେ ସମସ୍ତ ତଥ୍ୟ ରହିବ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖରେ ନବମ, ଦଶମ, ଏକାଦଶ, ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯିବ। ଏନେଇ ସମସ୍ତ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ଉଲ୍ଲେଖଯୋଗ୍ୟ, ଏପିଏଏଆର୍ ଆଇଡି ପ୍ରସ୍ତୁତ କରିବା ପାଇଁ ଗତବର୍ଷ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଏହି ବ୍ୟବସ୍ଥା କରାଯିବ। ଗୋଟିଏ ଦେଶ ଗୋଟିଏ ପରିଚୟ ପତ୍ର କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ତେବେ ଏହି ଆଇଡି ପ୍ରଚଳନ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟରେ ହୋଇସାରିଛି। ତେବେ ଏହାକୁ ଚଳିତବର୍ଷରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଲାଗୁ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଓସେପା ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି, ବୈଠକରେ ଅଭିଭାବକଙ୍କଠାରୁ ସେମାନଙ୍କ ପିଲାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ନିୟମାବଳୀ ଅନୁଯାୟୀ ଏପିଏଏଆର୍ ଆଇଡି ସୃଷ୍ଟି କରିବା ପାଇଁ ସମ୍ମତି ସ୍ୱାକ୍ଷର କରାଯିବ। ସମ୍ମତିପତ୍ରକୁ ସ୍କୁଲର ପ୍ରଧାନ ଶିକ୍ଷକ ସଂଗ୍ରହ କରି ବ୍ଲକ କାର୍ଯ୍ୟାଳୟକୁ ପଠାଇବେ। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ସ୍କୁଲ କର୍ତ୍ତୃପକ୍ଷ। ସମ୍ମତିପତ୍ରରେ ଅଭିଭାବକଙ୍କ ସ୍ୱାକ୍ଷରକୁ ସୁନିଶ୍ଚିତ କରାଯିବ।

## ଏଥର ବୋର୍ଡ ଯୋଗାଇବନି ପ୍ରଶ୍ନପତ୍ର

କଟକ,୨୪ା୯ (କାର୍ତ୍ତିକ ସାହୁ)

### ଦଶମ ଷାଣ୍ମାସିକ ପରୀକ୍ଷା ଦ୍ୱନ୍ଦ୍ୱ ଦୂର ହେଲା

### ହାଇସ୍କୁଲ ନିଜେ ତିଆରି କରିବେ

୨୦୨୪-୨୫ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅର୍ଦ୍ଧବାର୍ଷିକ (ଷାଣ୍ମାସିକ) ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ କୌଣସି ପ୍ରଶ୍ନପତ୍ର ଯୋଗାଣ କରାଯିବ ନାହିଁ। ହାଇସ୍କୁଲଗୁଡ଼ିକ ନିଜେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପ୍ରକାଶିତ ସିଲାବସ୍ରେ ପ୍ରଦତ୍ତ ସମୟ ଅନୁସାରେ ପରୀକ୍ଷା କରାଯିବ। ବୋର୍ଡ ସମ୍ପାଦକ ଏନେଇ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ ମଙ୍ଗଳବାର ଅବଗତ କରିଛନ୍ତି।

ସୂଚନା ଅନୁସାରେ, ୨୦୨୩-୨୪ ଶିକ୍ଷାବର୍ଷରେ ବୋର୍ଡ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ମାତ୍ର ଚଳିତବର୍ଷ ଏହି ପ୍ରଶ୍ନପତ୍ର ଯୋଗାଣକୁ ନେଇ ହାଇସ୍କୁଲଗୁଡ଼ିକ ଦ୍ୱନ୍ଦ୍ୱରେ ରହିଥିବାରୁ ବୋର୍ଡ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଚିଠି ଜରିଆରେ ପ୍ରଦାନ କରାଯାଇଛି। ହାଇସ୍କୁଲଗୁଡ଼ିକ ନିଜ ପ୍ରଶ୍ନପତ୍ର ତିଆରି କରିବା ପାଇଁ ଏବେ ମୁକ୍ତ ବୋଲି ମଧ ଚିଠିରେ ଦର୍ଶାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସଞ୍ଜୟ



@ ମାନସ



@ ରାହୁଲ



@ ରାଜା



@ ରାଜେନ୍ଦ୍ର



@ ସ୍ମୃତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହାବଳ ବାଘକୁ ଖୋଜୁଛି ଡ୍ରୋନ୍

ବାଣପୁର,୨୪ା୯(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଶୂଳିଆ ଜଙ୍ଗଲରେ ଏକ ମହାବଳ ବାଘ ଆତଙ୍କ ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି କରିଛି। ପାଦଚିହ୍ନରୁ ମହାବଳ ବାଘର ଉପସ୍ଥିତି ବନ ବିଭାଗ ସ୍ପଷ୍ଟ କରିବା ପରେ ଏହା ଉପରେ ନଜର ରଖିବାକୁ ଡ୍ରୋନ କ୍ୟାମେରା ବ୍ୟବହାର କରାଯାଇଛି। ବନବିଭାଗ ପକ୍ଷରୁ ଦୁଇଦିନ ଧରି ସ୍ଥାନୀୟ ଲୋକଙ୍କୁ ସତର୍କ କରାଯିବା ସହ ଡ୍ରୋନ୍ ମାଧ୍ୟମରେ ବାଘର ଗତିବିଧି ଉପରେ ନଜର ରଖାଯାଇଛି। ହେଲେ ବାଘର କୌଣସି ସନ୍ଧାନ ମିଳିପାରିନାହିଁ ବୋଲି ଟାଙ୍ଗୀ ଇନ୍‌ଚାର୍ଜ ରେଞ୍ଜର ଦେବାଶିଷ ଭୋଇ ଏବଂ ନାଚୁଣୀ ବନ ବିଭାଗ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବେହେରା କହିଛନ୍ତି।

ସୂଚନାଥାଉ କି, ଟାଙ୍ଗୀ ଫରେଷ୍ଟ ବିଭାଗ ଅଧୀନ ସଲପଡ଼ିହ ବିଟ୍ ହାଉସ୍ ଅଞ୍ଚଳରେ ଶୂଳିଆ ଜଙ୍ଗଲ ହୋଇଥିବା ବେଳେ ଏକ ବାଘ ବୁଲୁଥିବା ନେଇ କିଛିଦିନ ହେବ ଚର୍ଚ୍ଚା ହେଉଥିଲା। ଗତ ଶୁକ୍ରବାର ବିଟ୍ ହାଉସ୍ କର୍ମଚାରୀମାନେ ଏହି ଜଙ୍ଗଲରେ ବୁଲି ବିଭିନ୍ନ ସ୍ଥାନରେ ବାଘର ପାଦଚିହ୍ନ ଦେଖି ଫଟୋ ଉଠାଇ ଫେରିଥିଲେ। ଶନିବାର ଉକ୍ତ ଜଙ୍ଗଲରେ ଏକ ଷଣ୍ଢ ମରିପଡ଼ିଥିବା ଖବରପାଇ ଫରେଷ୍ଟ ବିଟ୍ ହାଉସ କର୍ମଚାରୀ ପୁଣି ଜଙ୍ଗଲକୁ ଯାଇଥିଲେ। ଷଣ୍ଢ ପଡ଼ିଥିବା ସ୍ଥାନରେ ବାଘର ପାଦଚିହ୍ନ ଦେଖିବାକୁ ପାଇଥିଲେ। ଏନେଇ ବିଟ୍ ହାଉସ୍ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପାଦଚିହ୍ନ ମପାଯିବା ପରେ ଏହା ଏକ ମହାବଳ ବାଘ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଥିଲା।




୨୪।୯।୨୦୨୪

| | |
|---|---|
| ୪,୮୯,୭୫୮ ଟଙ୍କା | |
| ସୁନା | ୧୯.୩୫୦ ଗ୍ରାମ୍ |
| ରୁପା | ୯୬.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ କୃଷି ସଚିବ

ପ୍ରକଳ୍ପ ଦେଖି ସନ୍ତୋଷ ପ୍ରକାଶ କଲେ

ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଦାୟିତ୍ୱରେ ଥିବା ରାଜ୍ୟ କୃଷି ବିଭାଗର ସଚିବ ସୁରେଶ କୁମାର ବଶିଷ୍ଠ ଓ ଜିଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବୁଲି ଦେଖିଥିଲେ। ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଠିକ୍ ଭାବେ କରାଯାଇଥିବା ନେଇ ମଧ୍ୟ ସଚିବ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଯେ, ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ୫-ଟି ଯୋଜନାରେ ସ୍କୁଲ ସହିତ ଅନ୍ୟାନ୍ୟ ଯୋଜନାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଉ କେତେକ କାର୍ଯ୍ୟ ଶେଷ ଅବସ୍ଥାରେ ରହିଛି। କୃଷି ସଚିବ ସୁରେଶ କୁମାର ବଶିଷ୍ଠ ଓ ଜିଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଗୋପ ବ୍ଲକର ବେଦପୁର ପଞ୍ଚାୟତର ୫-ଟି ଯୋଜନାରେ କାର୍ଯ୍ୟ ସରିଥିବା ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟ, ଗୋପ ପଞ୍ଚାୟତର କୁସୁପୁରଠାରେ ଥିବା ଶାରୀରିକ ବ୍ୟାୟାମଶାଳା ସହ ଗୋପ ବ୍ଲକ ପରିସରରେ କେତେକ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବୁଲି ଦେଖିବା ସହିତ ଆଉ କେତେକ ପଞ୍ଚାୟତର କାର୍ଯ୍ୟ ବୁଲି ଦେଖିଥିଲେ। ଏହି କାର୍ଯ୍ୟଗୁଡ଼ିକ ବୁଲି ଦେଖିବା ସମୟରେ ଗୋପ ବ୍ଲକର କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳଙ୍କ ସହିତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

### ବଟବୃକ୍ଷରୁ ବାହାରୁଛି କ୍ଷୀର

ଅସ୍ତରଙ୍ଗ/କାକଟପୁର,୨୪।୯
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ନିକଟସ୍ଥ ନାନପୁର ଗ୍ରାମରେ ଥିବା ଅବଧୂତ ଗାଦିବ୍ରହ୍ମ ପୀଠରେ ପୂଜା ପାଉଥିବା ବଟବୃକ୍ଷରୁ କ୍ଷୀର ଝରୁଥିବା ଦୃଶ୍ୟ ଲୋକଙ୍କୁ ଚକିତ କରିଛି। ପ୍ରତିଦିନ ଭଳି ପୂଜକ ନବଘନ ପଡ଼ିଆରୀ ପୂଜାର୍ଚ୍ଚନା କରୁଥିବା ବେଳେ ହଠାତ୍ ବଟବୃକ୍ଷରୁ କ୍ଷୀର ବାହାରିଥିଲା। ସକାଳୁ ସକାଳୁ ନାନପୁର ଗ୍ରାମର ଅଲେଖ ଦାସଙ୍କ ପତ୍ନୀଙ୍କ ଦେହ ଅସୁସ୍ଥ ଥିବାରୁ ସେହି ଗ୍ରାମର ଶାନ୍ତି ନାୟକ ପୂଜା କରିବାକୁ ଯାଇଥିଲେ। ଏଭଳି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଥିବା ବର୍ଣ୍ଣନା କରିଛନ୍ତି। ସେଠାରେ ଲୋକ ରୁଣ୍ଡ ହୋଇ ପୂଜାପାଠ ଆରମ୍ଭ କରିଥିଲେ। ଗ୍ରାମବାସୀ ଏହାକୁ ଦେଖିବା ପରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହିତ ଏହା ଧୀରେ ଧୀରେ ଆଖପାଖ ଅଞ୍ଚଳକୁ ବ୍ୟାପି ଯାଇଥିଲା। ସତରେ ଏ ଦୃଶ୍ୟ ଯେତିକି ଅଦ୍ଭୁତ ଲାଗୁଛି ସେତିକି ଅଲୌକିକ ବି। ପୂଜକ ନବଘନ ପଡ଼ିଆରୀ କହିଛନ୍ତି, ସେ ଦୀର୍ଘ ୫୦ ବର୍ଷ ହେଲାଣି ଏମିତି ଦିବ୍ୟ ଅଲୌକିକ ଦୃଶ୍ୟ କେବେ ବି ଦେଖି ନ ଥିଲେ। ଆଉ ଲୋକେ ବି କହୁଛନ୍ତି ଏହା ଚମତ୍କାର। ଭଗବାନଙ୍କର ସେମାନଙ୍କ ପ୍ରତି ଆଶୀର୍ବାଦ।

# ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ରରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ

## ବ୍ରାହ୍ମଣ ବରଣ କଲେ ଗଜପତି ମହାରାଜା

ପୁରୀ,୨୪।୯(ଅଜିତ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷା ମଙ୍ଗଳବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ତଥା ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠ, ଭିତରବେଢ଼ା ପରିସରସ୍ଥ ମା' ଭୁବନେଶ୍ୱରୀ, ମା'ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ଷୋଡ଼ଶ ପୂଜା ଆରମ୍ଭ ହୋଇଛି। କେତେକ ପୀଠରେ ଚଣ୍ଡୀପାଠ କରାଯାଉଛି। ଶ୍ରୀକ୍ଷେତ୍ରର ସମସ୍ତ ଶକ୍ତିପୀଠ ଚଳଚଞ୍ଚଳ ହୋଇପଡ଼ିଥିବାବେଳେ ପୂର୍ବାହ୍ନରେ ଶ୍ରୀନଅରରେ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତା ଲାଗି ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ପରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ




ପୁରୀ ସହରସ୍ଥିତ ମା' ରାମଚଣ୍ଡୀଙ୍କ କୁମାରୀ ବେଶ । ବିଭିନ୍ନ ଦେବୀ ପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରୀନଅରରେ ବ୍ରାହ୍ମଣ ବରଣ କରାଯାଉଛି ।

ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିଥିଲେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିଥିଲେ। ଶୋତ୍ରୀୟ ବ୍ରାହ୍ମଣମାନେ ବରଣ ହେବା ପରେ ପୀଠଗୁଡ଼ିକୁ ଯାଇ ପୂଜା କାର୍ଯ୍ୟ ଆରମ୍ଭ କରିଛନ୍ତି। ବିମଳା ଦେବୀ ପୀଠର ପୂଜକ ଭାବେ ବିକ୍ରମ ରଥ, ପରିଛା ଭାବେ ସୁନିଲ ମହାପାତ୍ର ଓ ଛାମୁଚଣ୍ଡୀ ପାଠକ ଦୁର୍ଗାପ୍ରସାଦ ମିଶ୍ର, ବିଷ୍ଣୁ ସହସ୍ରନାମ ପାଠକ ସରୋଜ କୁମାର ମିଶ୍ର, ଦୁର୍ଗା ସହସ୍ରନାମ ପାଠକ ସୂର୍ଯ୍ୟପ୍ରସାଦ ଦାଶ, ଭୁବନେଶ୍ୱରୀ ସହସ୍ରନାମ ପାଠକ ପ୍ରଦୀପ୍ତ କୁମାର ମିଶ୍ର, ଦେବୀ ସହସ୍ରନାମ ପାଠକ ଗଦାଧର ଦାଶ, ସ୍ୱସ୍ତି ବାଚକ ଦେବୀପ୍ରସାଦ ମିଶ୍ର (କ), ମନ୍ତ୍ରଯାପକ ବିମଳ ପ୍ରସାଦ ରଥ, ବ୍ରହ୍ମାବରଣ (ତିନିଦିନ ପାଇଁ) ରାମଚନ୍ଦ୍ର ମିଶ୍ର ନିୟୋଜିତ ହୋଇଛନ୍ତି। ଭୁବନେଶ୍ୱରୀ ପୀଠର ପୂଜକ ରବିଚରଣ ରଥ, ଚଣ୍ଡୀପାଠକ ବିଶ୍ୱନାଥ ମିଶ୍ର, ବାଟମଙ୍ଗଳା ପୀଠର ପୂଜକ ବିଶ୍ୱମ୍ଭର ଦାଶ, ଚଣ୍ଡୀ ପାଠକ ବିରଞ୍ଚି ନାରାୟଣ ମିଶ୍ର, ଉତ୍ତରାୟଣୀ ପୀଠର ପୂଜକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଚଣ୍ଡୀପାଠକ ଦେବୀପ୍ରସାଦ ମିଶ୍ର (ଖ) ଭାବେ ଦାୟିତ୍ୱ ତୁଲାଇବେ। ଦକ୍ଷିଣକାଳୀ ପୀଠର ପୂଜକ ହିମାଂଶୁ ଭୂଷଣ ତ୍ରିପାଠୀ, ଚଣ୍ଡୀପାଠକ ରାମଚନ୍ଦ୍ର ମହାପାତ୍ର, ଆଲାମଚଣ୍ଡୀ ପୀଠର ପୂଜକ ଓ ଚଣ୍ଡୀପାଠକ ରିଙ୍କୁନାଥ ଷଡ଼ଙ୍ଗୀ, ପଞ୍ଚମୁଖୀ ଠାକୁରାଣୀ ପୀଠର ପୂଜକ ନୀଳକଣ୍ଠ ମିଶ୍ର, ଚଣ୍ଡୀପାଠକ ପ୍ରକାଶ ଚନ୍ଦ୍ର କର, ଚର୍ଚ୍ଚିକା ଠାକୁରାଣୀ ପୀଠର ପୂଜକ ଉଦୟନାଥ ମହାପାତ୍ର, ଚଣ୍ଡୀପାଠକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ପୁଷ୍ପାଳକ ମନୋଜ ପୁଷ୍ପାଳକଙ୍କୁ ୧୬ ପୂଜା ପାଇଁ ବରଣ କରାଯାଇଛି। ଏହିପରି ମୋଟ ୨୪ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ଶ୍ରୀନଅରରେ ବରଣ କରାଯାଇଛି।

# ମଙ୍ଗଳା ମନ୍ଦିରରେ ସହସ୍ରା କୁମ୍ଭାଭିଷେକ ନୀତି

କାକଟପୁର/ଅସ୍ତରଙ୍ଗ,୨୪।୯
(ଶୁଭଦର୍ଶନ ମିଶ୍ର/ମମତା ଜେନା)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ପୀଠରେ ମଙ୍ଗଳବାଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ପୂଜା ପଣ୍ଡା ସେବାୟତମାନଙ୍କ ଦ୍ୱାରା ପାଣି ଅଣାଯିବା ପରେ ଏକ ବଡ଼ ପିତ୍ତଳ ହଣ୍ଡାରେ ଶ୍ରୀ କର୍ପୁର, ଗୁଆ, ଚନ୍ଦନ, ମହୁ, କଞ୍ଚା କ୍ଷୀର, ଗଙ୍ଗାଜଳ, ଫୁଲ, ବେଲପତ୍ର, ଜାଏତ୍ରୀ, ଜାଇଫଳ ଇତ୍ୟାଦି ସୁଗନ୍ଧିତ ସାମଗ୍ରୀ ପକାଯାଇ ମନ୍ତ୍ର ଧ୍ୱନିରେ ଏହାକୁ ପ୍ରଥମେ ଶୋଧନ କରାଯାଇଥିଲା। ପରେ ଷୋଡ଼ଶ ଉପଚାର ପୂଜାପଣ୍ଡା ସେବାୟତଙ୍କୁ ପୂଜାପଣ୍ଡା ସଂକଳ୍ପ କରାଇବା ପରେ ଘଣ୍ଟ, ଘଣ୍ଟା, ପଖୌଜ, କାହାଳୀ ଇତ୍ୟାଦି ବାଦ୍ୟ ମଧ୍ୟରେ ମା'ଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। କୌଣସି ଦିନ ମା'ଙ୍କ ସ୍ନାନ ନୀତି ସମୟରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଅନୁମତି ମିଳୁ ନ ଥିବାବେଳେ କେବଳ ସହସ୍ରା କୁମ୍ଭାଭିଷେକ ନୀତି ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ ମନ୍ଦିର ଉପଦେଷ୍ଟା କମିଟି ପକ୍ଷରୁ ଅନୁମତି ମିଳିଥାଏ। ତେଣୁ ଏହି ଦିନକୁ ମାତୃଭକ୍ତମାନେ ଅପେକ୍ଷା କରିଥାନ୍ତି। ପାର୍ବଣରେ ମା' ମଙ୍ଗଳାଙ୍କ ସବୁ ନୀତି

### ଶାରଦୀୟ ପାର୍ବଣ ଆରମ୍ଭ



ଭିତରେ ଏହା ହେଉଛି ଏକ ନିଆରା ନୀତି। ସ୍ନାନ ପରେ ଭକ୍ତମାନେ ଦାନ କରିଥିବା ବିଭିନ୍ନ ପାରମ୍ପରିକ ଅଳଙ୍କାର ଦ୍ୱାରା ମା'ଙ୍କୁ ଭୂଷିତ କରାଯାଇଥିଲା। ଏହାପରେ ମଙ୍ଗଳାଙ୍କ ପୀଠରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶାରଦୀୟ ଷୋଳପୂଜା ଦୀର୍ଘ ଷୋଳଦିନ ଧରି ଚାଲିବ। ଏହି ପୂଜାରେ ସ୍ୱତନ୍ତ୍ର ଷୋଡ଼ଶ ଉପଚାର ପୂଜାପଣ୍ଡା ନିୟୋଜିତ ହୋଇଥାନ୍ତି।

# ରାମଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା

## ପୋଡ଼ାମାଛ ବଳି ସାଙ୍ଗକୁ ଦୁଇବେଳା ଚଣ୍ଡୀପାଠ କରାଯାଏ

କୋଣାର୍କ,୨୪।୯(ଜ୍ୟୋତିରାଜ ମହାନ୍ତି):

ରାଜ୍ୟର ଅନ୍ୟତମ ପ୍ରମୁଖ ଶକ୍ତିପୀଠ କୋଣାର୍କ-ପୁରୀ ବେଳାମାର୍ଗରେ ଅବସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ମଙ୍ଗଳବାରଠାରୁ ଷୋଡ଼ଶ ଉପଚାର ପୂଜା ବିଧି ଆରମ୍ଭ ହୋଇଛି। ନିଆରା ପରମ୍ପରା ଅନୁଯାୟୀ, ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୋଡ଼ାମାଛ ବଳି ସାଙ୍ଗକୁ ଦୁଇବେଳା ଚଣ୍ଡୀପାଠ ଚାଲିଛି। ଭକ୍ତମାନେ ମା' ଦର୍ଶନ ସହ ପୂଜାର୍ଚ୍ଚନା କରୁଛନ୍ତି। ସେହିପରି ମା' ଭଗବତୀ, ବାଲିଦୋକାନ ନିକଟ ଚିତ୍ରେଶ୍ୱରୀ ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଶକ୍ତି ପୀଠରେ ମଧ୍ୟ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ଆରମ୍ଭ ହୋଇଛି।

ମା' ଏଠାରେ ଦଶଭୁଜା ମହିଷମର୍ଦ୍ଦିନୀ ଦୁର୍ଗାବେଶରେ ବନଦୁର୍ଗା ମନ୍ତ୍ରରେ ପୂଜିତ ହୁଅନ୍ତି। ଆଶ୍ୱିନ ମାସରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପାର୍ବଣରେ ହିଁ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଥାଏ। ମୂଳାଷ୍ଟମୀ ପ୍ରତ୍ୟୁଷରୁ ୧୦୮ କୁମ୍ଭାଭିଷେକ



କରାଯିବା ପରେ କୁମ୍ଭ ବସାଇ ଅଖଣ୍ଡ ଦୀପ ଲଗାଇ ଷୋଡଶ ଉପଚାରରେ ପୂଜାରମ୍ଭ ହୋଇଥାଏ। ଦୈନନ୍ଦିନ ସ୍ନାନ, ସକାଳ ଆଳତି, ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ଖଇ ଭୋଗ, ଖେଚୁଡ଼ି ଭୋଗ ପରେ ସାହାଣମେଲା, ଦୁଇବେଳା ଚଣ୍ଡୀ ପାଠ, ଦ୍ୱିପ୍ରହର ଭୋଗ ହୋଇଥାଏ। ପହଡ଼ ପରେ ପୁନଃ ସାହାଣ ମେଲା ଓ ସନ୍ଧ୍ୟା ଆଳତି, ଚଣ୍ଡୀ ପାଠ, ରାତ୍ରି ଭୋଗ, ବଡ଼ସିଂହାର ବେଶ ପରେ ପହଡ଼ ପଡିଥାଏ।

ପବିତ୍ର କୁଶଭଦ୍ରା ନଦୀ ମୁହାଣ ସନ୍ନିକଟରେ ପୂଜା ପାଉଥିବା ମା' ରାମଚଣ୍ଡୀଙ୍କୁ ନେଇ ରହିଛି ଅନେକ କିମ୍ବଦନ୍ତୀ। ରାଜ୍ୟର ପ୍ରମୁଖ ପ୍ରାଚୀନ ଅଷ୍ଟଶକ୍ତି ପୀଠ ମଧ୍ୟରେ ରାମଚଣ୍ଡୀ ପୀଠ ଅନ୍ୟତମ। ମାଦଳା ପାଞ୍ଜି ଓ ଅନ୍ୟାନ୍ୟ ପୌରାଣିକ ମତାନୁଯାୟୀ, କୋଣାର୍କ କ୍ଷେତ୍ରର ରକ୍ଷୟିତ୍ରୀ ରୂପେ ଏହି କ୍ଷେତ୍ରରେ ଅଷ୍ଟଚଣ୍ଡୀଙ୍କ ପ୍ରତିଷ୍ଠା କରାଯାଇଥିଲା। ଏମାନଙ୍କ ମଧ୍ୟରେ ମା' ରାମଚଣ୍ଡୀ ଅନ୍ୟତମ। କୁହାଯାଏ, କଳାପାହାଡ଼ କୋଣାର୍କ ମନ୍ଦିର ଆକ୍ରମଣ ପରେ ରାମଚଣ୍ଡୀ ମନ୍ଦିରରେ ପ୍ରବେଶ କଲାବେଳେ ତାକୁ ମନ୍ଦିର ବାହାରେ ବସାଇ ମା' ଜଣେ ମାଲୁଣୀ ବେଶରେ ପାଣି ଆଣିବା ବାହାନାରେ କୁଶଭଦ୍ରା ନଦୀକୁ ଯାଇ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ପରେ ପଣ୍ଡାମାନେ ସ୍ୱପ୍ନାଦେଶ ପାଇ କୁଶଭଦ୍ରା ନଦୀ କୂଳରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା କରି ପୂଜା ଆରମ୍ଭ କରିଥିଲେ। ସେଥିପାଇଁ ଉପାଖ୍ୟାନ ଅଛି, 'ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ଦୁଆରେ ବସାଇ ଭଲା ପାଣି ଆଣି ଗଲାରେ'। ସାରଳା ମହାଭାରତ ବର୍ଣ୍ଣନା ଅନୁଯାୟୀ ମହାପ୍ରଭୁ ରାମଚନ୍ଦ୍ର ଲଙ୍କାକୁ ସେତୁ ବାନ୍ଧିବା ପୂର୍ବରୁ ଏହି ପୀଠରେ ଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ।

# ସଚେତନତା ମାଧ୍ୟମରେ ଏଡ୍ସ ରୋକାଯାଇପାରିବ

ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ କଲେଜ ରେଡ ରିବନ କ୍ଲବ୍ ପକ୍ଷରୁ ଏଡ୍ସ ସଚେତନତା ଶିବିର ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସଚେତନତା ମାଧ୍ୟମରେ ରୋକାଯାଇପାରିବ ବୋଲି ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ କହିଥିଲେ। ଏଡ୍ସ ସମ୍ପର୍କରେ ଛାତ୍ରୀଛାତ୍ରମାନେ ପଚାରି ବୁଝିଥିଲେ। ଅଧ୍ୟାପକ ଅମିତାଭ ମହାନ୍ତି ଏଡ୍ସ କୌଣସି ଔଷଧ ଦ୍ୱାରା ନୁହେଁ ବରଂ ସଚେତନତା ସୃଷ୍ଟି ଦ୍ୱାରା ସୁଫଳ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରାମର୍ଶଦାତା ସୁରେଶ କୁମାର ଦାଶ ଏଡ୍ସ କ'ଣ ତାହା କିପରି ବ୍ୟାପିଥାଏ ଓ ଏହି ରୋଗର ଉପଶମ କିପରି ହୋଇଥାଏ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ମହେନ୍ଦ୍ର କୁମାର ପ୍ରଧାନ, ପ୍ରଜ୍ଞା ମଞ୍ଜରୀ ବଡ଼ଜେନା, ବିଭୂତି ଭୂଷଣ ସେନାପତି ଓ ପ୍ରତିମା ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଦେବୀପୀଠରେ ଷୋଳପୂଜା



ସାକ୍ଷୀଗୋପାଳ,୨୪।୯ (ଭରତ ରାଉତ)

ସତ୍ୟବାଦୀର ଶାସନ ଗ୍ରାମ ସହିତ ବିଭିନ୍ନ ଗ୍ରାମରେ ଅବସ୍ଥାପିତ ଦେବୀ ଓ ଠାକୁରାଣୀମାନଙ୍କ ପୀଠରେ ମଙ୍ଗଳବାର ପବିତ୍ର ମୂଳଷ୍ଟମୀ ତିଥିରେ କୁମ୍ଭାଭିଷେକ ପରେ ଷୋଳ ପୂଜା ଆରମ୍ଭ ହୋଇଛି। ଷୋହଳ ଦିନ ବ୍ୟାପି ରୀତିନୀତି ଅନୁଯାୟୀ ମାଆଙ୍କ ପୂଜାର୍ଚ୍ଚନା କରାଯିବ। ଶ୍ରୀରାମଚନ୍ଦ୍ରପୁରରେ ବଡ଼ ହରଚଣ୍ଡୀ ଓ ସାନ ହରଚଣ୍ଡୀ, ବୀରରାମଚନ୍ଦ୍ରପୁରରେ ମଣିନାଗଦୁର୍ଗା, ବୀରଗୋବିନ୍ଦପୁରରେ କନକଦୁର୍ଗା, ବିଶ୍ୱନାଥପୁରରେ କ୍ଷେତ୍ରପାଳୀ, ନୂଆସୋମେଶ୍ୱରପୁର, ଦାଶବିଦ୍ୟାଧରପୁର, ସୁଆଣ୍ଡୋ, ରାୟଖଣ୍ଡି, ବଳପୁର, ସାରଙ୍ଗଯୋଡ଼ି ଓ ରାୟଚକ୍ରଧରପୁର ଆଦି ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀଙ୍କ ମନ୍ଦିରରେ ପୂଜା ଆରମ୍ଭ ହୋଇଛି। ଅନୁରୂପ ଭାବେ ନରେନ୍ଦ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଡୁଗୁରେଇ ଠାକୁରାଣୀଙ୍କ ଷୋଳପୂଜା ନୀତି ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମଙ୍ଗଳ ଆଳତି, ସ୍ନାନ ମାଜଣା, ମଇଲମ ସରିବା ପରେ ବସ୍ତ୍ର ଆଭୂଷଣରେ ସଜ୍ଜିତ କରାଯାଇ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ଠାକୁରାଣୀଙ୍କ ସନ୍ଧ୍ୟା ଦର୍ଶନ ପାଇଁ ମନ୍ଦିରରେ ଭିଡ଼ ପରିଲକ୍ଷିତ ହେଉଥିବା ସହିତ ଗ୍ରାମଗୁଡିକ ଚଳଚଞ୍ଚଳ ହୋଇଉଠିଛି।

# ମା' ବିମଳାଙ୍କ ଷୋଳପୂଜା ଆରମ୍ଭ

ପୁରୀ,୨୪।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ କୃଷ୍ଣ ଅଷ୍ଟମୀତିଥି ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ମା'ବିମଳାଙ୍କ ପୀଠରେ ଷୋଡ଼ଶଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଦ୍ୱିତୀୟା ଓଷା ଅବସରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ସମ୍ପନ୍ନ ହେବା ପରେ ଶ୍ରୀଦେବୀ (ମହାଲକ୍ଷ୍ମୀ) ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସାତପାହାଚ ନିକଟରେ ଥିବା ପାଲିଙ୍କିଙ୍କୁ ବିଜେ କରାଇଥିଲେ। ପରେ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ଲକ୍ଷ୍ମୀ ମନ୍ଦିରରେ ପଡ଼ିଥିବା ଖଟଶେଯ ଉପରେ

## ସହସ୍ର କୁମ୍ଭାଭିଷେକ ନୀତି ସମ୍ପନ୍ନ

ବିଜେ କରିଥିଲେ। ସେଠାରେ ମାଜଣା ଓ ବନକଲାଗି ବେଶ କରାଯାଇଥିଲା। ପରେ ପୂଜାପଣ୍ଡା ଲକ୍ଷ୍ମୀବ୍ରତ କଥା ଶୁଣାଇଥିଲେ। ଭୋଗ ବନ୍ଦାପନା ହୋଇ ମଧ୍ୟାହ୍ନ ଧୂପ ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବାହୁଡ଼ାବିଜେ କରିଥିଲେ।

ଅପରପକ୍ଷରେ ସକାଳଧୂପ ସରିବା ପରେ ଭଣ୍ଡାରରୁ ଦୁର୍ଗାଦେବୀ ସିଂହାସନକୁ ବିଜେ କରିଥିଲେ। ସେଠାରେ ଆଜ୍ଞାମାଳ ପାଇ ସୋମନାଥ ମନ୍ଦିରକୁ ବିଜେ କରିଥିଲେ। ପରେ ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଆଚାର୍ଯ୍ୟ ବ୍ରହ୍ମାବରଣ ହୋଇ ଦୁର୍ଗାଙ୍କୁ ୧୦୦୦ ଗରା ଜଳରେ ଅଭିଷେକ କରାଇଥିଲେ। ଏହା ପରେ ଶ୍ରୀଅଙ୍ଗ ପୋଛା, ନବବସ୍ତ୍ର ଲାଗି, ବେଶ, ପ୍ରସାଦ ଲାଗି, ଶୀତଳ ଭୋଗ, ବନ୍ଦାପନାନୀତି ଶେଷ ହୋଇଥିଲା। ପରେ ସହସ୍ର କୁମ୍ଭାଭିଷେକ ବିଧି ସମ୍ପନ୍ନ ହୋଇଥିଲା। ମା' ଦୁର୍ଗା ବିଗ୍ରହ ଭଣ୍ଡାର ଦ୍ୱାରଠାରେ ବିଜେ ହେବା ପରେ ମାଧବ ସିଂହାସନରୁ ଆଜ୍ଞାମାଳ ପାଇ ଆସି ଦୁର୍ଗାଙ୍କ ସହିତ ଏକତ୍ର ଭଦ୍ରାସନରେ ବସିଥିଲେ। ପରେ ରୁନ୍ଧା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏକତ୍ର ରୁନ୍ଧା ଅବସ୍ଥାରେ ଦୁର୍ଗାମାଧବ ରତ୍ନସିଂହାସନକୁ ଯାଇ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇଥିଲେ। ଜୟବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପ ଠାରେ ପାଲିଙ୍କିରେ ବିଜେ ହୋଇ ବିମଳା ମନ୍ଦିରକୁ ଯାଇଥିଲେ। ସେଠାର ଖଟ ଉପରେ ଦୁର୍ଗାମାଧବ ବିଜେ ହେବା ପରେ ଶୀତଳ ଭୋଗ ମଣୋହି ଓ ବନ୍ଦାପନା ହୋଇଥିଲା। ତିନି ଧୂପ ସରି ଭିତରେ ଚନ୍ଦନ ଲାଗି ନୀତି ପରେ ଦୁର୍ଗାମାଧବ ପାଲିଙ୍କିରେ ଆସି ଭଣ୍ଡାରଘରେ ବିଜେ କରିଥିଲେ। ଷୋହଳ ଦିନ ଏହିପରି ରୁନ୍ଧା ଅବସ୍ଥାରେ ରହନ୍ତି। ଦଶହରା ଦିନ ରୁନ୍ଧା ଖୋଲାଯାଏ। ଷୋଳ ପୂଜାର ପ୍ରଥମ ଆଠଦିନ ଦୁର୍ଗାମାଧବ ରୁନ୍ଧା ଅବସ୍ଥାରେ ବିମଳାଙ୍କ ମନ୍ଦିରକୁ ଯାଇଥିବା ବେଳେ ପରବର୍ତ୍ତୀ ଆଠଦିନ ଦୋଳମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ବିଜେ କରନ୍ତି।

# ମା' ଆସୁଛନ୍ତି: ଅନୁକୂଳ ହେଲା ମାଟି

ଅସ୍ତରଙ୍ଗ/କାକଟପୁର,୨୪।୯(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର/ମମତା ଜେନା)

ଧରାପୃଷ୍ଠକୁ ଆସୁଛନ୍ତି ମା'। ମା'ଙ୍କ ଆବାହନ ପାଇଁ ପବିତ୍ର ସହସ୍ର କୁମ୍ଭାଭିଷେକ ପୂଜା ସହ ମାଟି ଅନୁକୂଳ ହୋଇଛି। ଏହାକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ନଦୀ ପଠା। ଅସ୍ତରଙ୍ଗ ଦୁର୍ଗାପୂଜା କମିଟି ପକ୍ଷରୁ ରୋଶଣିରେ ମାଟି ଅଣାଯିବା ସହ ହୋମ ଓ ମନ୍ତ୍ରପାଠରେ ମା'ଙ୍କୁ ଆବାହନ କରାଯାଇଛି। ଦଶଭୁଜାଙ୍କ ଆବାହନ ପାଇଁ କମିଟିର କର୍ମକର୍ତ୍ତା ନିଷ୍ଠାର ସହ ବ୍ରତ ପାଳନ କରିଥାନ୍ତି। ଷଷ୍ଠୀଠାରୁ ଶୁଦ୍ଧ ଶାକାହାରୀ ସହ ସାତ୍ତ୍ୱିକ ଆହାର ଗ୍ରହଣ କରିଥାନ୍ତି। ଆଶ୍ୱିନ ଶୁକ୍ଳପକ୍ଷ ଷଷ୍ଠୀରେ ବିଲ୍ୱବରଣଠାରୁ ମଣ୍ଡପରେ ମୃଣ୍ମୟୀ ପ୍ରତିମା ପୂଜା ପାଇବେ। ଚଳିତବର୍ଷ ପବିତ୍ର ମହାନ୍ତି କର୍ତ୍ତା ହୋଇଛନ୍ତି।

## ୫୬ବର୍ଷରେ ଅସ୍ତରଙ୍ଗ ଦୁର୍ଗାପୂଜା

ଅସ୍ତରଙ୍ଗ ଦୁର୍ଗାପୂଜା ୫୬ବର୍ଷରେ ପଦାର୍ପଣ କରିଥିବାବେଳେ ପାର୍ବଣକୁ ନେଇ ସମଗ୍ର ପରିବେଶ ଚଳଚଞ୍ଚଳ ହୋଇଉଠିଛି। ପୂଜକ ମଙ୍ଗରାଜ କର, ଆଶୁତୋଷ ମିଶ୍ର, କ୍ଷେତ୍ରବାସୀ ପଣ୍ଡା ମାଟି ଅନୁକୂଳ ଅବସରରେ ପୂଜାର୍ଚ୍ଚନା କରିଥିଲେ। ଶୋଭାଯାତ୍ରାରେ ମା' ଦୁର୍ଗା କ୍ଲବ୍ ଉପଦେଷ୍ଟା ଦୁଷ୍ମନ୍ତ ପରିଡ଼ା, ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ, ରବୀନ୍ଦ୍ର କୁମାର ପରିଡ଼ା, ରାକେଶ ମହାନ୍ତି, ପୁରନ୍ଦର ବେହେରା, ପ୍ରକାଶ ବେହେରା, ଯୁଗଳ ମହାନ୍ତି, ଜିତେନ ବସ୍ତିଆ, ଦେବେନ୍ଦ୍ର ପରିଡ଼ା, ଭ୍ରମରବର ମହାନ୍ତି, ବେଣୁଧର ସାହୁ, ରାକେଶ ମହାନ୍ତି, ତପନ ଛାଟୋଇ, ମିଥୁନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ପାରମ୍ପରିକ ନୃତ୍ୟ, ବାଦ୍ୟରେ ଭସାଣି ଉତ୍ସବ

ନିମାପଡ଼ା,୨୪।୯(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍ଏସି ଅଧୀନ ଶ୍ୟାମସୁନ୍ଦରପୁର ନୂଆମଠସାହି ଗ୍ରାମର ଆଖଣ୍ଡଳମଣି ଯୁବ ପରିଷଦ ପକ୍ଷରୁ ମଙ୍ଗଳବାର ନିଆରା ଢଙ୍ଗରେ ପ୍ରଭୁ ଶ୍ରୀଗଣେଶଙ୍କ ଭସାଣି ଉତ୍ସବ



ଆଖଣ୍ଡଳମଣି ଯୁବ ପରିଷଦ ପକ୍ଷରୁ ଆୟୋଜିତ ଗଣେଶ ଭସାଣି।

ଅନୁଷ୍ଠିତ ହୋଇଯାଇଛି। ଭସାଣି ସମୟରେ ବାଣ, ଡିଜେ ଏବଂ ମଦକୁ ଯୁବ ପରିଷଦ ବାରଣ କରିଥିଲା। ଫଳରେ ଭସାଣିରେ ପାରମ୍ପରିକ ବାଦ୍ୟ ସହିତ ଆଧୁନିକତାର ଝଲକ ଦେଖିବାକୁ ମିଳିଥିଲା। କଳାହାଣ୍ଡି ଆଦିବାସୀ ନୃତ୍ୟ ସହିତ ମେଲୋଡି,

## ମଦ, ବାଣ, ଡିଜେକୁ ନା

ଓଡ଼ିଶୀ ନୃତ୍ୟ, କୋଲକାତାର ଅଘୋରୀ, କେନ୍ଦ୍ରାପଡ଼ାର ଏକ ପାର୍ଟି ଭସାଣିରେ ଯୋଗଦେଇ ଚିତ୍ତାକର୍ଷକ ନୃତ୍ୟ ଓ ବାଦ୍ୟ ପରିବେଷଣ କରିଥିଲେ। ଏଥର ଠାକୁରଙ୍କ ହାତରେ ୫୦ କିଲୋଗ୍ରାମ ଓଜନର ଲଡୁ ଶୋଭାଯାଉଥିଲା, ଯାହା ଅନ୍ୟତମ ଆକର୍ଷଣ ରହିଥିଲା। ନିମାପଡ଼ା ଅଞ୍ଚଳର ଜନସାଧାରଣ ଏହି ଭସାଣିକୁ ଆନନ୍ଦରେ ଉପଭୋଗ କରିଥିଲେ। ଶାନ୍ତିଶୃଙ୍ଖଳ ରକ୍ଷା ପାଇଁ ୨୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ଥିଲେ। ପରିଷଦର ସଭାପତି ଅକ୍ଷୟ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଭସାଣି କାର୍ଯ୍ୟକ୍ରମରେ ଫାଲଗୁନୀ ସାହୁ, ସୁଶାନ୍ତ ବାରିକ, ନିହାର ରଞ୍ଜନ ବାରିକ, ପ୍ରଶାନ୍ତ ବାରିକ, ମନୋଜ ସାହୁ, ଶ୍ରୀକାନ୍ତ ସାହୁ, ରାକେଶ ସାହୁ, ହେମନ୍ତ ଚିନେରା, ମନୋଜ ବାରିକ, ଜିତେନ୍ଦ୍ର ସାହୁ ଏବଂ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାଜ୍ୟ ବିଦ୍ୟାଳୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ,୨୪।୯(ଅଜିତ୍ କୁମାର ମହାନ୍ତି)

ଜିଲା ସ୍କୁଲ ଠାରେ ଆରମ୍ଭ ହୋଇଥିବା ୧୪ ବର୍ଷରୁ କମ୍ ରାଜ୍ୟ ବିଦ୍ୟାଳୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ କ୍ରୀଡ଼ା ସଂଗଠନର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ଭୁବନେଶ୍ୱରର ଜ୍ୟୋତି ପ୍ରସାଦ ପରିଡ଼ା, ଶାରୀରିକ ଶିକ୍ଷା ବିଭାଗ ପ୍ରାକ୍ତନ ଅତିରିକ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ଜିଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଓ ବଟକୃଷ୍ଣ ଜେନା ପ୍ରମୁଖ



ଅତିଥିଙ୍କ ଗହଣରେ ସଫଳତା ହାସଲ କରିଥିବା ଟିମ୍‌ର ଖେଳାଳିମାନେ ।

ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବାଳକ ବିଭାଗରେ ପୁରୀ ବିଜୟୀ ହୋଇଥିବା ବେଳେ କଟକ ରନର୍ସଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ହୋଇଥିବାବେଳେ ଗଞ୍ଜାମ ରନର୍ସଅପ୍ ହୋଇଛି। ଉଭୟ ବାଳିକା ଓ ବାଳିକ ବିଭାଗର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ବୁଧବାରଠାରୁ ହେବାକୁ ଥିବା ୧୭ ବର୍ଷରୁ କମ୍ ବାଳିକାବାଳକ ଖୋ ଖୋ ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ଶେଷରେ ଜିଲା ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଶିଶୁ କନ୍ୟା ଉଦ୍ଧାର କଲା ନନ୍ଦନକାନନ ପୋଲିସ**

ତ୍ରିସୁଲିଆ,(ତୁଷାରକାନ୍ତ ବେହେରା): ଦାଡ଼ା ଗ୍ରାମରୁ ନନ୍ଦନକାନନ ପୋଲିସ ମଙ୍ଗଳବାର ରାତିରେ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଛି। ଶିଶୁ କନ୍ୟାଟିକୁ କେହି ଏକ ବୁଦାମୂଳରେ ଛାଡ଼ି ଚାଲିଯାଇଥିବା ଦାଡ଼ା ଗ୍ରାମର ପାଣ୍ଡବ ଭୋଇ ଦେଖିବାକୁ ପାଇଥିଲେ। ସେଠାରୁ ଶିଶୁ କନ୍ୟାକୁ ନେଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ନିଜ ଘରେ ଆଣି ରଖିଥିଲେ। ଖବରପାଇ ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ର ଦାଡ଼ା ଗ୍ରାମରେ ପହଞ୍ଚି ଶିଶୁ କନ୍ୟାଟିକୁ ଉଦ୍ଧାର କରି ଚାଇଲ୍ଡ ହେଲ୍ପଲାଇନରେ ଜିମା ଦେଇଥିବା ସୂଚନା ମିଳିଛି।



# ବୁଝିଲେନି ସଫେଇ କର୍ମଚାରୀ, ଆନ୍ଦୋଳନ ଜାରି

## ଆଜି ପୁଣି ହେବ ଆଲୋଚନା

ଭୁବନେଶ୍ୱର, ୨୪।୯ (ବନ୍ଦନା ସେଠୀ)

କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ୩ଦିନରେ ପହଞ୍ଚିଛି। ସୋମବାରଠାରୁ ହସ୍ପିଟାଲରେ ଝାଡୁ ବାଜୁନି। ସ୍ଥିତି ବିଗୁଡିଥିବା ଦେଖି ମଙ୍ଗଳବାର ଏକାମ୍ର ବିଧାୟକ ବାବୁ ସିଂ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଦିଲୀପ ପଣ୍ଡା, ଉପ ଅଧୀକ୍ଷକ ଡା. ଧନଞ୍ଜୟ ଦାସ ଏବଂ କ୍ୟାପିଟାଲ ଥାନାଧିକାରୀ, ସଫେଇ ଏଜେନ୍ସି କ୍ୟୁଏସ୍‌ର ମ୍ୟାନେଜର ପର୍ଯ୍ୟନ୍ତ ସମସ୍ତେ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସଫେଇ କର୍ମଚାରୀ କିଛି ବୁଝିଲେନି କି ଜିଦ୍‌ରୁ ଓହରିଲେ ନାହିଁ। ସନ୍ଧ୍ୟାରୁ ରାତି ପ୍ରାୟ ୧୦ଟା ୩୦ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ବାଟ ଫିଟି ନ ଥିଲା। ତେଣୁ ବୁଧବାର ଅପରାହ୍ନ ୧ଟା ୩୦ରେ ପୁନର୍ବାର ସଫେଇ ଏଜେନ୍ସିର ଏଚ୍‌ଆର୍, ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ ସଫେଇ ପ୍ରତିନିଧିଙ୍କ ଆଲୋଚନା ହେବ। ସେ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ବନ୍ଦ ରହିବ ବୋଲି କ୍ୟାପିଟାଲ ହସ୍ପିଟାଲ ଅସ୍ଥାୟୀ ସଫେଇ କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ହସ୍ପିଟାଲ ନିର୍ଦ୍ଦେଶକ ସମ୍ପୃକ୍ତ ଏଜେନ୍ସି ଏବଂ ଶ୍ରମ କମିଶନରଙ୍କୁ ଚିଠି ଲେଖିଥିଲେ। ଅପରାହ୍ନରେ ଶ୍ରମ କମିଶନରଙ୍କ ପକ୍ଷରୁ ହସ୍ପିଟାଲ କର୍ତ୍ତୃପକ୍ଷ, ଏଜେନ୍ସି ମ୍ୟାନେଜର ଏବଂ ସଫେଇ କର୍ମଚାରୀଙ୍କ ନେତାଙ୍କୁ ଡକାଯାଇଥିଲା। ତେବେ ହସ୍ପିଟାଲର ଅଧିକାରୀ ଓ ଏଜେନ୍ସି କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ମଧ୍ୟ ସଫେଇ କର୍ମଚାରୀଙ୍କ ମଧ୍ୟରୁ କେହି ଯାଇ ନ ଥିଲେ। ଫଳରେ ଆଲୋଚନାରେ ଯାହା ନିଷ୍କର୍ଷ ବାହାରିଲା ସେ ନେଇ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିବାକୁ ଶ୍ରମ କମିଶନ୍‌ର ଅଧିକାରୀ ଓ ଅନ୍ୟମାନେ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ହେଲେ ସଫେଇ କର୍ମଚାରୀ ସେମିତି ଜିଦ୍‌ରେ ଅଟଳ ରହିଥିଲେ। ଦଶହରା ବୋନସ୍ ସହିତ ୩୦ ଦିନର ଦରମା ଏବଂ ମାସକୁ ୪ଦିନ ଛୁଟି ଦାବି କରିଥିଲେ। ପୂର୍ବ ସଂସ୍ଥା ଦେଉଥିବାବେଳେ ଏ ସଂସ୍ଥା କାହିଁକି ଦେବ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ଅଡି ବସିଥିଲେ। ହସ୍ପିଟାଲର ଉପ ଅଧୀକ୍ଷକ ଡା. ଦାସ କହିଛନ୍ତି, ସଫେଇ କର୍ମଚାରୀମାନେ ବେଆଇନ ଭାବେ ଆନ୍ଦୋଳନ କରୁଛନ୍ତି। ଏନେଇ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ, ଜିଲାପାଳ, ଶ୍ରମ କମିଶନର, କ୍ୟାପିଟାଲ ଥାନା, ବିଏମ୍‌ସି ଏବଂ ସମ୍ପୃକ୍ତ ଏଜେନ୍ସିକୁ ଚିଠି କରାଯାଇଛି। ନିୟମ ଅନୁଯାୟୀ ଆନ୍ଦୋଳନର ୧ମାସ ପୂର୍ବରୁ ଜଣାଇବା କଥା। ମାତ୍ର ଏମାନେ ହଠାତ୍ ଆନ୍ଦୋଳନ କରୁଥିବାରୁ ରୋଗୀମାନେ ହଇରାଣ ହେଉଛନ୍ତି। ଏହା ସରକାରୀ ହସ୍ପିଟାଲ ହୋଇଥିବାରୁ ଏଠାରେ ବୋନସ୍ ଦେଇ ହେବନାହିଁ। କର୍ମଚାରୀମାନେ ମାସକୁ ୪ଟି ଛୁଟି ପାଉଥିବାବେଳେ ଦରମା ବାବଦକୁ ପାଉଥିବା ୧୩ ହଜାର ୨ଶହଟଙ୍କାରୁ ଇଏସ୍‌ଆଇ, ଇପିଏଫ୍ ଆଦି କଟି ୧୧ହଜାର ୨ଶହ ଟଙ୍କା ପାଉଛନ୍ତି। ତେଣୁ ସରକାରୀ ନିୟମ ଅନୁଯାୟୀ ସବୁକିଛି ଠିକ୍ ଚାଲିଛି ବୋଲି ଡା. ଦାସ କହିଛନ୍ତି।



କ୍ୟାପିଟାଲ ହସ୍ପିଟାଲ ପରିସରରେ ସଫେଇ କର୍ମଚାରୀମାନେ ଧାରଣା ଦେବା ସହ ବିକ୍ଷୋଭ କରୁଛନ୍ତି।



### ଆବର୍ଜନା ଦୁର୍ଗନ୍ଧରେ କ୍ୟାପିଟାଲ ହସ୍ପିଟାଲ

ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ୩ଦିନ ହେବ ହସ୍ପିଟାଲରୁ ଆବର୍ଜନା ଉଠୁ ନାହିଁ। ଯେଉଁଠି ଦେଖିବ ଅଳିଆ, ସିରିଞ୍ଜ ଏବଂ ଅନ୍ୟାନ୍ୟ ମେଡିକାଲ ବର୍ଜ୍ୟ ପଡି ରହିଛି। ଡଷ୍ଟବିନ ଉଛୁଳି ତଳେ ଅଳିଆ ଜମା ହୋଇଛି। ପୁଣି ଜରି, କାଗଜଠାରୁ ଆରମ୍ଭ କରି ଥଣ୍ଡା ପାନୀୟ ଖୋଳ, ସ୍ନାକ୍ସ ଜରି ଆଦି ଖାଦ୍ୟ ପ୍ୟାକେଟ୍ ପଡି ରହିଛି। ଅଳିଆରୁ ଗନ୍ଧ ବି ଆସିଲାଣି। ଆଉ ଏଭଳି ଅସ୍ୱାସ୍ଥ୍ୟକର ପରିବେଶରେ ଡାକ୍ତର ଓ ନର୍ସ ରୋଗୀ ସେବାରେ ଲାଗିଛନ୍ତି। ଭୁବନେଶ୍ୱରର ପ୍ରମୁଖ ଡାକ୍ତରଖାନା ଭାବେ ପରିଗଣିତ କ୍ୟାପିଟାଲ ହସ୍ପିଟାଲରେ ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ନାଲିଅଖା ସନ୍ଦେହ ଦୂର ହେଲା

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ)– ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ପଦ୍ମନାଭନଗର ସିପିଡିଓ ମୁଖ୍ୟରାସ୍ତା କଡ଼ରେ ପଡ଼ିଥିବା ନାଲି ଜରିଅଖାକୁ ନେଇ ଦେଖାଦେଇଥିବା ସନ୍ଦେହ ଉପରୁ ବାରଙ୍ଗ ପୋଲିସ ପରଦା ଉଠାଇଛି।ପ୍ରକାଶ ଯେ, ମଙ୍ଗଳବାର ସକାଳୁ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର କିଛି ଦୂରରେ ଥିବା ସିପିଡିଓ ମୁଖ୍ୟରାସ୍ତା କଡ଼ରେ ଗୋଟିଏ ନାଲି ଜରିଅଖା ମୁହଁ ବନ୍ଧାହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ମୁହଁବନ୍ଧା ଜରିବସ୍ତାରୁ ଦୁର୍ଗନ୍ଧ ବାହାରିବାରୁ ସେହି ବାଟଦେଇ ଯାତାୟାତ କରୁଥିବା ସାଧାରଣଙ୍କ ମନରେ ସନ୍ଦେହ ବଢ଼ିଥିଲା। ବସ୍ତା ଭିତରେ କ'ଣ ଅଛି ତାହାକୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଥିଲା। ଖବରପାଇ ବାରଙ୍ଗ ପୋଲିସ ପହଞ୍ଚି ବସ୍ତାକୁ ଖୋଲିବା ପରେ ତା' ଭିତରୁ ଗୋଟିଏ ମଲା କୁକୁର ବାହାରିଥିଲା। ପରେ ସାଧାରଣ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇଥିଲା।

### ଖଟିରେ ପୋଲିସ ଚଢ଼ାଉ

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ): ଭୁବନେଶ୍ୱରରେ ପାର୍ବଣ ପୂର୍ବରୁ ବିଶୃଙ୍ଖଳା ଏଡାଇବାକୁ କମିଶନରେଟ୍ ପୋଲିସ ଗୁରୁତ୍ୱ ଦେଇଛି। ବୁଧବାର ରାତିରେ ଭୁବନେଶ୍ୱରର ବିଭିନ୍ନ ଖଟି ଉପରେ ପୋଲିସ ଟିମ୍ ଚଢ଼ାଉ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରିଛି। ଏଥିସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଡ୍ରଙ୍କ୍ ଆଣ୍ଡ୍ ଡ୍ରାଇଭ୍ କରାଯାଇ ସଚେତନ କରାଯାଇଛି। କ୍ୟାପିଟାଲ ଥାନା, ଖାରବେଳନଗର, ଖଣ୍ଡଗିରି, ଲକ୍ଷ୍ମୀସାଗର, ବଡ଼ଗଡ, ମଞ୍ଚେଶ୍ୱର, ଶହୀଦନଗର, ନୟାପଲ୍ଲୀ ଥାନା ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଚଢ଼ାଉ ସହ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ପେଟ୍ରୋଲ୍ ପମ୍ପ ମାଲିକଙ୍କୁ ଆକ୍ରମଣ, ଜଣେ ଗିରଫ

ବାଲିପାଟଣା,୨୪।୯(ଅଭିମନ୍ୟୁ ନାୟକ): ପେଟ୍ରୋଲ ପମ୍ପ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାଲିପାଟଣା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟ ନାରାୟଣ ଭୋଇ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୪/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଛକଠାରେ ଜଗନ୍ନାଥ ପଣ୍ଡାଙ୍କ ଏକ ପେଟ୍ରୋଲ ପମ୍ପ ରହିଛି। ସେଠାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ତେଲ ପକାଇବାକୁ ଆସିଥିଲେ। ତେବେ କୌଣସି କାରଣକୁ ନେଇ ସେମାନଙ୍କର ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଏଠାରେ ଗ୍ରାହକ ଅଛନ୍ତି, ତେଣୁ ପାଟିତୁଣ୍ଡ ନ କରି ଚାଲିଯିବାକୁ ଯୁବକମାନଙ୍କୁ ପେଟ୍ରୋଲ ପମ୍ପ ମାଲିକ ପଣ୍ଡା କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କର ବାମ ହାତର ଦୁଇଟି ସ୍ଥାନରେ କ୍ଷତ ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରିଛି।

# ଶାସ୍ତ୍ରୀୟତା ଭରିଦେଲା ମହ୍ଲାର ଉତ୍ସବ



ମହ୍ଲାର ଉତ୍ସବରେ ବାଦ୍ୟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି।

ଭୁବନେଶ୍ୱର,୨୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ମଙ୍ଗଳବାର ସୂଚନା ଭବନଠାରେ ଏକ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ମହ୍ଲାର ଉତ୍ସବ' ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ଡ. ସର୍ବେଶ୍ୱର ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମ୍ପାଦକ ଡ. ରଘୁନାଥ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭରେ ରାଗ ଭୁପାଲିରେ ଅନୁଷ୍ଠାନର ଶିଳ୍ପୀମାନେ ଖେୟାଲ ଗାନ କରିଥିଲେ। ଏହାପରେ ଗୁରୁ ଡ. ରଘୁନାଥ ସାହୁ ରାଗ ରାମଦାସୀ ମହ୍ଲାର, ସୁଶ୍ରୀ ସୁଦୀପ୍ତା ମହାପାତ୍ର ରାଗ ମେଘ ମହ୍ଲାର, ଗୁରୁ କୁଞ୍ଜ ବିହାରୀ ନାୟକ ରାଗ ମହ୍ଲାର ସାରଙ୍ଗ, ଗୁରୁ ହରିହର ରଥ ରାଗ ଜୟନ୍ତ ମହ୍ଲାରରେ ସଙ୍ଗୀତ ଗାନ କରିଥିଲେ। ଯନ୍ତ୍ର ସଙ୍ଗୀତରେ ଗୁରୁ ଜୀବନ ପ୍ରକାଶ ଦାସ ରାଗ ମିଆଁ ମହ୍ଲାର ଓ ପ୍ରମୋଦ ପତି ରାଗ ସୁର ମହ୍ଲାରରେ ବଂଶୀ ବାଦନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ସୁଶାନ୍ତ କୁମାର ଜେନା, ଗୁରୁ ତାପସ ପାଲ, ଗୁରୁ ବିଜୟ କୁମାର ଦାସ, ଗୁରୁ ଅମିତ କୁମାର ରଥ ଏବଂ ଗୁରୁ ଶଶିକାନ୍ତ ସାହୁ ହାରମୋନିୟମରେ ସହଯୋଗିତା କରିଥିଲେ। ବୈଦୁର୍ଯ୍ୟନାଥ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହ୍ଲାର ଉତ୍ସବ ଉପସ୍ଥିତ ଅତିଥି, ଦର୍ଶକଙ୍କ ମନରେ ଶାସ୍ତ୍ରୀୟତା ଭରିଦେଇଥିଲା।

### ନାବାଳିକାଙ୍କୁ ଅଶାଳୀନ ବ୍ୟବହାର, ଯୁବକ ଗିରଫ

ବାଲିଅନ୍ତା,୨୪।୯(ନୀଳମାଧବ ସାହୁ)

ଟ୍ୟୁଶନକୁ ଯାଉଥିବା ବେଳେ ଜଣେ ନାବାଳିକାଙ୍କୁ ରାସ୍ତାରେ ଅଟକାଇ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ପ୍ରଶାନ୍ତ ଦାଶ। ପ୍ରଶାନ୍ତ କଟକ ସଦର ଥାନା ଅଞ୍ଚଳରେ ରହି ଏକ ଫାର୍ମରେ କାର୍ଯ୍ୟ କରୁଛନ୍ତି।

ପ୍ରକାଶ ଯେ, ସୋମବାର ସକାଳେ ଜଣେ ନାବାଳିକା ଟ୍ୟୁଶନ ପାଇଁ ଭିଙ୍ଗାରପୁର ଅଞ୍ଚଳକୁ ଯାଉଥିବାବେଳେ ନଦୀ ବନ୍ଧ ବୁଲାଣି ନିକଟରେ ହଠାତ୍ ପ୍ରଶାନ୍ତ ସାଇକେଲ ଆଗରେ ଛିଡ଼ା ହୋଇ ଅଟକାଇଥିଲେ। ନାବାଳିକା ଜଣକ ସାଇକେଲ ରଖିବା ପରେ ପ୍ରଶାନ୍ତ ତାଙ୍କ ନାମ ଓ ଠିକଣା ପଚାରିଥିଲେ। ନାବାଳିକା ନାମ ଓ ଠିକଣା କହିବା ସମୟରେ ପ୍ରଶାନ୍ତ ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିରେ ଭୟଭୀତ ହୋଇ ନାବାଳିକା ଜଣକ କାନ୍ଦିବା ସହିତ ବଡ଼ପାଟିରେ ଡାକ ପକାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଟ୍ୟୁଶନ ସାର୍‌ଙ୍କ ଭିଣୋଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କୁ ଗିରଫ କରି ଥାନାରେ ୪୬୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗୋଦାମରୁ ଯନ୍ତ୍ରାଂଶ ଚୋରି, ୨ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)

ଏକ ସ୍ପେୟାରପାର୍ଟସ ଗୋଦାମରୁ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ମଙ୍ଗଳବାର ୨ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାରରେ ରହୁଥିବା କଟକ ଜିଲା ନିଆଳି ଅଞ୍ଚଳର ମାନବ ଷଡ଼ଙ୍ଗୀ (୧୯) ଓ ଆୟୁଷ ଷଡଙ୍ଗୀ (୨୦)। ଅଭିଯୁକ୍ତଦ୍ୱୟଙ୍କଠୁ ୪୦ ହଜାର ଟଙ୍କାର ସ୍ପେୟାରପାର୍ଟ୍ସ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ଗୋଦାମ ମାଲିକ ସୋମଶେଖର ଆଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୋଗ ଅନୁସାରେ, ଲକ୍ଷ୍ମୀସାଗର ଓପୋଲଫେଡ଼ ସାମ୍ନାରେ 'ଭେଙ୍କେଟେଶ୍ୱର ଡିଷ୍ଟ୍ରିବ୍ୟୁଟର' ନାମରେ ଏକ ସ୍ପେୟାରପାର୍ଟସ ଗୋଦାମ ରହିଛି। ଅଭିଯୁକ୍ତଦ୍ୱୟ ଉକ୍ତ ଗୋଦାମରେ କାମ କରନ୍ତି। ଗତ ୨୧ ତାରିଖ ରାତିରେ ସୋମଶେଖର ଗୋଦାମ ବନ୍ଦ କରି ଘରକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତଦ୍ୱୟ ଉକ୍ତ ଗୋଦାମ ଭିତରେ ପଶି ଯନ୍ତ୍ରାଂଶଗୁଡ଼ିକୁ ଚୋରି କରି ନେଇଯାଇଥିଲେ। ଏନେଇ ୨୨ ତାରିଖ ସକାଳେ ଜଣାପଡିବା ପରେ ସୋମଶେଖର ଥାନାରେ ଏହି ଦୁଇ କର୍ମଚାରୀଙ୍କ ନାଁରେ ଏତଲା ଦେଇଥିଲେ।

### ଦୁର୍ଘଟଣାରେ ଆହତ ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ

ବାଲିଅନ୍ତା,୨୪।୯(ନୀଳମାଧବ ସାହୁ)

ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବ୍ୟବସାୟୀ ସାଧୁ ଚରଣ ବେହେରା (୬୫)ଙ୍କର ମୃତ୍ୟୁ ଘଟିଛି। ମୃତ ସାଧୁଙ୍କ ଘର ବାଲିଅନ୍ତା ଅଣ୍ଡିଲୋ ଗ୍ରାମରେ। ଭୁବନେଶ୍ୱର ୧ନଂ ମାର୍କେଟ ଓ ବାଲିଅନ୍ତା ବଜାରରେ ତାଙ୍କର ଡ୍ରେସ ଓ କପଡ଼ା ଦୋକାନ ରହିଛି। ତାଙ୍କର ମୃତ୍ୟୁ ପାଇଁ ମଙ୍ଗଳବାର ବାଲିଅନ୍ତା ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା। ମୃତ ସାଧୁ ବାଲିଅନ୍ତା ବଜାର କମିଟି, ଅଶୋକ ଯାତ୍ରା ପରିଷଦ ଓ ବାଲିଅନ୍ତା ବରିଷ୍ଠ ନାଗରିକ ସଂଘର ସଭ୍ୟ ଥିଲେ। ସେ ଜଣେ ଅମାୟିକ ଓ ସରଳ ବ୍ୟକ୍ତି ଥିଲେ।

ପ୍ରକାଶ ଯେ, ୧୦ ତାରିଖରେ ସ୍କୁଟି ନେଇ ନିକଟ ତଳଗଡ଼ ଗ୍ରାମକୁ ଯାଇଥିଲେ। ସେଠାରେ ସ୍କୁଟି ଧରି ଠିଆ ହୋଇଥିବା ବେଳେ ପଛପଟୁ ଅନ୍ୟ ସ୍କୁଟି ଚାଳକ ଆସି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ସମ୍ପର୍କରେ ତାଙ୍କ ପୁଅ ବାଲିଅନ୍ତା ଥାନାରେ ୧୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ।

### ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆମେରିକାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନାମରେ ଏକ ଗବେଷଣା କେନ୍ଦ୍ର ଖୋଲିବ। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସଚେତନ ନାଗରିକ ଫୋରମ୍ ଏବଂ ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଡ. ସାମନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଫୋରମ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲୀପ ହାଲି, କାର୍ଯ୍ୟକାରୀ ସଭ୍ୟ ଆଇନଜୀବୀ ମନୋରଞ୍ଜନ ପ୍ରଧାନ, ଅନିଲ ପରିଡ଼ା ଓ ଯୁବ ନେତା ତନ୍ମୟ ସାଇଁ ପ୍ରମୁଖ ସାମନ୍ତଙ୍କୁ ଭେଟି ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

### ଓୟୁଟିଆର୍‌ରେ ଆତ୍ମରକ୍ଷା ଶିବିର



ଭୁବନେଶ୍ୱର,୨୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଏନ୍‌ଏସ୍‌ଏସ୍ ଦିବସ ଉପଲକ୍ଷେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ଛାତ୍ରୀ ଭାଗ ନେଇଥିଲେ। ଶିବିରର ଉଦ୍ଦେଶ୍ୟ ଥିଲା ଆତ୍ମରକ୍ଷା ବିଷୟରେ ସଚେତନତା ଓ ନିରାପତ୍ତା ସହିତ ଆତ୍ମବିଶ୍ୱାସ ବୃଦ୍ଧି କରିବା। ପ୍ରଫେସର ସବିତା ଦାଶ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର ଜିତେନ୍ଦ୍ର ନାୟକ, ୟୁନିଟ-୫ର ପ୍ରୋଗ୍ରାମ ଅଫିସରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓୟୁଟିଆର୍‌ର ସମସ୍ତ ଛାତ୍ର ଉପସ୍ଥିତ ଥିଲେ। ରେଜିଷ୍ଟ୍ରାର ରେଣୁପ୍ରଭା ନାୟକ ଆତ୍ମରକ୍ଷା କୌଶଳ ସମ୍ପର୍କରେ କହିବା ସହ ଏନ୍‌ଏସ୍‌ଏସ୍ ଟିମ୍‌କୁ ପ୍ରଶଂସା କରିଥିଲେ।

# ଆକର୍ଷଣ ସାଜିବ ଲାଲ୍‌କିଲା ସଦୃଶ ତୋରଣ

## ବାଙ୍କୁଆଳ ଦୁର୍ଗାପୂଜା କମିଟି



**ବିରାଜିବେ ମା'**



ପୁରୁଣା ଭୁବନେଶ୍ୱର,୨୪।୯
(ସୁବାସ ଚନ୍ଦ୍ର ପ୍ରଧାନ)

ମା'ଙ୍କ ଆଗମନ ପାଇଁ ସହର ଠାରୁ ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡିଛି। ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ପାଇଁ ଭୁବନେଶ୍ୱରର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ବାଙ୍କୁଆଳ ଦୁର୍ଗାପୂଜା କମିଟି ମଧ୍ୟ ପ୍ରସ୍ତୁତି ଜୋର୍‌ଦାର ଚଳାଇଛି। ଚଳିତବର୍ଷ କମିଟି ପକ୍ଷରୁ ଲାଲକିଲା ସଦୃଶ ତୋରଣ ନିର୍ମାଣ କରାଯିବ। ଏହାର ଓସାର ୮୦ଫୁଟ ହୋଇଥିବା ବେଳେ ଉଚ୍ଚତା ୭୦ଫୁଟ ରହିବ। ଏହି ତୋରଣ ନିର୍ମାଣରେ ମୁଖ୍ୟ କାରିଗର କୋଲକାତାର ନିର୍ମଳ ମଣ୍ଡଳଙ୍କ ସହିତ ୧୫ଜଣ ସହକାରିଗର ସହଯୋଗ କରୁଛନ୍ତି। ଏଥର ପୂଜା ପାଇଁ ପ୍ରାୟ ୧୨ଲକ୍ଷ ବ୍ୟୟ ଅଟକଳ ରଖାଯାଇଛି। ପରମ୍ପରା ଅନୁଯାୟୀ ସନ୍ଧିପୂଜା ପରେ ପାଣିକଖାରୁ ବଳି ଦିଆଯିବା ବିଧି ରହିଛି। ଦଶମୀରେ ଅନୁଷ୍ଠିତ ହେବ ରାବଣ ପୋଡ଼ି। ୬୦ଫୁଟ ଉଚ୍ଚତା ବିଶିଷ୍ଟ ଏହି ରାବଣ ପୋଡ଼ି କାର୍ଯ୍ୟକ୍ରମ ବାଲୁଙ୍କେଶ୍ୱର ମନ୍ଦିର ନିକଟ କୁଆଖାଇ ନଦୀ ପଠାରେ ଅନୁଷ୍ଠିତ ହେବ। ଦୁର୍ଗାପୂଜା ଏବଂ ରାବଣପୋଡ଼ି କାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ କମିଟି ପକ୍ଷରୁ ପ୍ରାୟ ୮୦ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହ ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ନାମ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା ଏବଂ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି।



୫ଦିନ ଧରି ଅନୁଷ୍ଠିତ ଦୁର୍ଗାପୂଜାରେ ଆକର୍ଷଣ ହେଉଛି ରାବଣପୋଡ଼ି। ଏହା ଜନବସତିଠାରୁ ଦୂରରେ ଅର୍ଥାତ୍ ନଦୀ ପଠାରେ ହେଉଥିଲେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ। ଏଥିପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବାର ବ୍ୟବସ୍ଥା ହୋଇଛି। ପୋଲିସ ପ୍ରଶାସନ ସହ ଭଲ୍ୟୁଣ୍ଟିୟରମାନେ ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନପାଇଁ ନିୟୋଜିତ ରହିବେ।

**-କବିରାଜ ସ୍ୱାଇଁ, ବାଙ୍କୁଆଳ ଗ୍ରାମ୍ୟ କମିଟି ସଭାପତି**



ରୀତିନୀତି ଅନୁଯାୟୀ ମା'ଙ୍କର ସମସ୍ତ ପୂଜାର୍ଚ୍ଚନା କରାଯିବ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଟାଇଟେନିକ୍ ଆଲୋକ ତୋରଣର ବ୍ୟବସ୍ଥା କରାଯାଇଛି। ରାବଣ ପୋଡ଼ିରେ କୌଣସି ଆତସବାଜି କାର୍ଯ୍ୟକ୍ରମ ହେବନାହିଁ। ଲୁଟେରା ଏବଂ ଅପରାଧୀଙ୍କ ଉପରେ ଯୁବଗୋଷ୍ଠୀଙ୍କ ସହ ପୋଲିସର ନଜର ରହିବ।

**-ରମାକାନ୍ତ ସାମନ୍ତରାୟ, ବାଙ୍କୁଆଳ ଦୁର୍ଗାପୂଜା କମିଟି ସଭାପତି**

**ବଜ୍ରପାତ: ଥାନାରେ ପୋଡ଼ିଗଲା ସାମଗ୍ରୀ**

ଆଠଗଡ, (ସତ୍ୟ ପ୍ରସାଦ ରଥ) : ବଜ୍ରପାତରେ ଆଠଗଡ଼ ଥାନାରେ ବିଭିନ୍ନ ସାମଗ୍ରୀ ପୋଡ଼ିଯାଇଛି। ମଙ୍ଗଳବାର ଦିନ ତମାମ ଝଡ଼ି ବର୍ଷା ଜାରି ରହିଥିଲା। ଅପରାହ୍ନରେ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ଥାନାରେ ବିଭିନ୍ନ ସାମଗ୍ରୀ ଏସି, ୪ଟି ଫ୍ୟାନ, କମ୍ପ୍ୟୁଟର ଓ ସିସିଟିଭି କ୍ୟାମେରା ଆଦି ପୋଡ଼ିଯାଇଛି। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସମସ୍ତ କର୍ମଚାରୀ ରକ୍ଷା ପାଇଯାଇଛନ୍ତି।




ଷୋଳପୂଜାର ପ୍ରଥମ ଦିନ: ବାଙ୍କୀ ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।


ସାଲେପୁରରା ମା' ଭଗବତୀଙ୍କ ବେଶ।


ତିଗିରିଆର ମା' ବୁଢ଼ୀ ମଙ୍ଗଳାଙ୍କ ସ୍ୱତନ୍ତ୍ର ବେଶ।


ବୈଷ୍ଣବୀ ହାଟମାଳସ୍ଥିତ ମା' ଦୁର୍ଗାଦେବୀଙ୍କ ଶାଳମ୍ବରୀ ବେଶ।


ମା' କଳାପାଟ ଠାକୁରାଣୀଙ୍କ ମୌଳିକ ବେଶ।


ବଡ଼ମ୍ବା ମା' ଭଟ୍ଟାରିକାଙ୍କ ସୁନାବେଶ।

## ସଂକ୍ଷେପରେ

### ନାଳରୁ ମହିଳାଙ୍କ ମୃତଦେହ ଜବତ

ଆଠଗଡ,୨୪।୯(ସତ୍ୟ ପ୍ରସାଦ ରଥ)

ଆଠଗଡ ଥାନା ଅନ୍ତର୍ଗତ ଗୋପୀନାଥପୁର ସ୍ଥିତ କଣ୍ଟିଆନାଳରୁ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ତାଳବରକୋଟ ଗ୍ରାମର ପ୍ରଭାକର ସ୍ୱାଇଁଙ୍କ କନ୍ୟା ସତ୍ୟପ୍ରିୟା (୨୩)। ସେ ଗୋପୀନାଥପୁର ଗ୍ରାମର ପ୍ରିୟବ୍ରତ ସାହୁଙ୍କୁ ବିବାହ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସତ୍ୟପ୍ରିୟାଙ୍କ ମୃତଦେହ କଣ୍ଟିଆ ନାଳରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେବା ସହ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସତ୍ୟପ୍ରିୟା ନାଳକୁ ଡେଇଁ ଆତ୍ମହତ୍ୟା କରିଥିବା ପ୍ରଭାକର ଅଭିଯୋଗ କରିଛନ୍ତି।

### ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ପରଲୋକ

ଖୁଣ୍ଟୁଣୀ, ୨୪।୯(ସଚ୍ଚିଦାନନ୍ଦ ପଣ୍ଡା)



ଆଠଗଡ଼ ବ୍ଲକ ଅଧୀନ ଓରନ୍ଦା ପଞ୍ଚାୟତର ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ (୫୬)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ରବିବାର ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀରକୁ ବାଳୀ ଗ୍ରାମସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ରବି ରାଉତ, ରାଜୀବ ଲୋଚନ ଦାସ, ୩ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ମାଗୁଣି ଚରଣ ରାଉତ, ନୃସିଂହ ରାଉତ, ଶୁକଦେବ ବେହେରା ଓ କେଶବ ଚନ୍ଦ୍ର ଦଳେଇ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ରରା ଅଂଶୁମାନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଦୀପ ପ୍ରଥମେ ଓରନ୍ଦା ସରପଞ୍ଚ ଓ ପରେ ୨ ନମ୍ବର ଜୋନ୍ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ।

# ତୋଟାପଡ଼ା ସ୍କୁଲରେ ବଜ୍ରପାତ: ପାଚିକା ଗୁରୁତର

- କାନ୍ଥ ଫାଟିଲା, ଫ୍ୟାନ୍ ଖସିଲା
- ଶ୍ରେଣୀଗୃହ ମରାମତି, ନିର୍ମାଣ ଦାବିରେ ରାସ୍ତାରୋକୋ

ଖୁଣ୍ଟୁଣୀ, ୨୪।୯(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ତୋଟାପଡା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ବଜ୍ରପାତ ହେବାରୁ ଜଣେ ପାଚିକା ଗୁରୁତର ହୋଇଛନ୍ତି। ସେ ହେଲେ ତୋଟାପଡା ଗ୍ରାମର ଶାନ୍ତିଲତା ମହାନ୍ତି(୫୦)। ଚିକିତ୍ସା ଲାଗି ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବଜ୍ରପାତରେ ସ୍କୁଲ କାନ୍ଥ ଫାଟି ଯାଇଥିବାବେଳେ ବିଦ୍ୟୁତ୍ ତାର ଓ ବୋର୍ଡ ପୋଡିଯାଇଛି। ହେଲେ ସୌଭାଗ୍ୟବଶତଃ ଛାତ୍ରୀଛାତ୍ରମାନଙ୍କ କିଛି କ୍ଷତି ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରେଣୀଗୃହ ମରାମତି ଓ ନୂତନ ଗୃହ ନିର୍ମାଣ ଦାବିରେ ତୋଟାପଡା ଗ୍ରାମବାସୀ ଅପରାହ୍ନ ପ୍ରାୟ ୧ଟାରେ ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥର ତୋଟାପଡା ସ୍କୁଲ ସମ୍ମୁଖରେ ରାସ୍ତାରୋକୋ କରିଥିଲେ।


ତୋଟାପଡ଼ା ସ୍କୁଲ ସମ୍ମୁଖରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସ୍କୁଲରେ ଶ୍ରେଣୀଗୃହ ଅଭାବରୁ ମଙ୍ଗଳବାର ଗୋଟିଏ ଶ୍ରେଣୀଗୃହରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୪୭ ଜଣ ଛାତ୍ରୀଛାତ୍ର ଭାଷାଜ୍ଞାନ ପରୀକ୍ଷା ଦେଉଥିଲେ। ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ହଠାତ୍ ବଜ୍ରପାତ ହେବାରୁ କାନ୍ଥ ଫାଟିଯିବା ସହ ବିଦ୍ୟୁତ୍ ତାର ପୋଡି ଧୂଆଁମୟ ହୋଇଯାଇଥିଲା। ଏପରି କି ଛାତରୁ ସିଲିଂ ଫ୍ୟାନ୍ ଖସି ତଳେ ପଡିଯାଇଥିଲା। ଫଳରେ ଛାତ୍ରୀଛାତ୍ର ଭୟରେ ଚିତ୍କାର କରି ଶ୍ରେଣୀଗୃହରୁ ବାହାରି ଅନ୍ୟ ଗୃହକୁ ଚାଲିଯାଇଥିଲେ। ହେଲେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ଶାନ୍ତିଲତା ଗୁରୁତର ହୋଇଥିଲେ। ଛାତ୍ରୀଛାତ୍ରଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକମାନେ ସ୍କୁଲ ଭିତରକୁ ଆସିଥିଲେ। ଶାନ୍ତିଲତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଏନେଇ ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ବଜ୍ରପାତରେ କାନ୍ଥ ଫାଟିଯିବା ସହ ବିଦ୍ୟୁତ୍ ତାର ପୋଡିଯାଇଛି। ଖବରପାଇ ଅତିରିକ୍ତ ବିଇଓ ଶିଶିର କୁମାର ମିଶ୍ର, ରଶ୍ମି ମହାନ୍ତି, ଶିକ୍ଷା ସଂଯୋଜକ ସୁବ୍ରତ କୁମାର ସ୍ୱାଇଁ ଓ ତୋଟାପଡା ଗ୍ରାମ କମିଟି ସଭାପତି ଶକ୍ତିପ୍ରସାଦ ନାୟକ ସ୍କୁଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରପକ୍ଷରେ ଏହାକୁ ନେଇ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖୁଣ୍ଟୁଣୀ ଥାନା ଅଧିକାରୀ ରବୀନ୍ଦ୍ରନାଥ ବେହେରା, ଏସ୍ଆଇ ବିକାଶ କୁମାର ସେଠୀ ପହଞ୍ଚି ଆଠଗଡ଼ ବିଡିଓ ବିଜୟ କେତନ ଚୌଧୁରୀଙ୍କୁ ରାସ୍ତାରୋକୋ ସ୍ଥଳକୁ ଡକାଇଥିଲେ। ବିଡିଓ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସ୍କୁଲଗୃହ ଓ ବିଦ୍ୟୁତ୍ ମରାମତି ସହ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୫ଟାରେ ରାସ୍ତା ଅବରୋଧ ହଟିଥିଲା।

### ଗଣ୍ଡଗୋଳ ଘଟଣାରେ ୨ ଗିରଫ

ଚୌଦ୍ୱାର,୨୪।୯(ଆଶୁତୋଷ ଦାସ)

ଗଣ୍ଡଗୋଳ ଘଟଣାରେ ଟିପିଏମ୍ ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଚଷାପଡ଼ା ଜେନିପୁର ଗ୍ରାମର ପ୍ରିୟବ୍ରତ ବେଉରା ଓ ପରେଶ ବେଉରା। ପୋଲିସ ସୂଚନା ଅନୁଯାୟୀ, ଜେନିପୁର ଗ୍ରାମରେ ଜମି ବିବାଦକୁ ନେଇ ସୌଭାଗ୍ୟ ବେଉରା ଓ ପ୍ରିୟବ୍ରତ ବେଉରାଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଗତ ୨୧ ତାରିଖ ରାତିରେ ସ୍ଥାନୀୟ ଅଞ୍ଚଳରେ ଗଣେଶ ଭସାଣି ଚାଲିଥିବାବେଳେ ସୌଭାଗ୍ୟଙ୍କ ଘର ସମ୍ମୁଖରେ ପ୍ରିୟବ୍ରତ ଓ ପରେଶ ଛିଡ଼ା ହୋଇ ଗାଳିଗୁଲଜ କରିଥିଲେ। ଏହା ଶୁଣି ସୌଭାଗ୍ୟ ଘରୁ ବାହାରକୁ ଆସିବାରୁ ଉଭୟ ତାଙ୍କୁ ଖଣ୍ଡା ଏବଂ ଲୁହାରଡ଼ରେ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୌଭାଗ୍ୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା। ଏନେଇ ସୌଭାଗ୍ୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୯୧/୨୪) ରୁଜୁ କରିଥିଲା।


ଶ୍ରୀ ଶ୍ରୀ ଷୋଳପୁଅ ମା' ଘଟ ବିସର୍ଜନ ଅବସରରେ କଟକ ଦେୱାନ ବଜାର ତନ୍ତିସାହି ଅଞ୍ଚଳରେ ମହିଳାମାନେ ଘଟ ନେଇ ପୂଜାସ୍ଥଳକୁ ଶୋଭାଯାତ୍ରାରେ ଯାଉଛନ୍ତି।

### ଯୁବକଙ୍କୁ ଛୁରିରେ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

ସାଲେପୁର,୨୪।୯(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଲୁଣାହାର ଗ୍ରାମରେ ଜଣେ ଯୁବକଙ୍କୁ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ପୁନାନନ୍ଦ ମୁଦୁଲି। ଆକ୍ରମଣରେ ଗ୍ରାମର ମଙ୍ଗରାଜ ବେହେରା ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଗ୍ରାମର ସୁକାନ୍ତି ରଣା ମଙ୍ଗଳବାର ନିଜ ଘର ନିକଟରେ ବସିଥିବାବେଳେ ଉକ୍ତ ଗ୍ରାମର ପୁନାନନ୍ଦ ତାଙ୍କୁ କୌଣସି କାରଣରୁ ଗାଳିଗୁଲଜ କରି ମାଡ଼୍ ମାରିଥିଲେ। ଏହା ଦେଖି ନିକଟରେ ଥିବା ମଙ୍ଗରାଜ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ପୁନାନନ୍ଦ ଉତ୍କ୍ଷିପ୍ତ ହୋଇ ଏକ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମଙ୍ଗରାଜଙ୍କ ପେଟର ୨ଟି ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୩୭୮/୨୪) ରୁଜୁ କରିଛି।

# ବସ୍ ଡ୍ରାଇଭର, କଣ୍ଡକ୍ଟରଙ୍କୁ ଆଜୀବନ କାରାଦଣ୍ଡ

କଟକ/ବାଙ୍କୀ, ୨୪।୯ (କାର୍ତ୍ତିକ ସାହୁ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ଅଞ୍ଚଳରେ ୨୦୧୬ରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ବିଭୂତି ରାଉତ (୨୮) ଓ ସନ୍ତୋଷ ସାହୁ (୨୬)। ଉଭୟଙ୍କୁ ବିଭିନ୍ନ ଦଫାରେ ଭିନ୍ନଭିନ୍ନ ପରିମାଣର ଜରିମାନା ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛି।

ମାମଲାର ବିବରଣୀ ଅନୁସାରେ,

**ନାବାଳିକା ବଳାତ୍କାର, ହତ୍ୟା ମାମଲା**

ସନ୍ତୋଷ ଏକ ଘରୋଇ ବସ୍ ଡ୍ରାଇଭର୍ ଓ ବିଭୂତି ସେଥିରେ ହେଲ୍‌ପର୍ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ ଅଗଷ୍ଟ ୧ରେ ସମ୍ପୃକ୍ତ ନାବାଳିକା ଉକ୍ତ ବସ୍‌ରେ କଟକରୁ ବାଙ୍କୀ ଯାଉଥିଲେ। ମାତ୍ର ସନ୍ତୋଷ ଓ ବିଭୂତି ତାଙ୍କୁ ରତାଗଡ଼ ନେଇଯାଇଥିଲେ। ସେଠାରେ ଉଭୟେ ନାବାଳିକାଙ୍କୁ ବଳାତ୍କାର କରିବା ପରେ ରେଞ୍ଚର ପିଟି ହତ୍ୟା କରିଥିଲେ। ଏହାପରେ ନାବାଳିକାଙ୍କ ମୃତଦେହକୁ ଜାତ ମୁଣ୍ଡିଆ ବ୍ରିଜରୁ ମହାନଦୀକୁ ପକାଇ ଦେଇଥିଲେ। ପରଦିନ ମହାନଦୀ ବାଲିରେ ସମ୍ପୃକ୍ତ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ୍‌କୁ ଖବର ଦେଇଥିଲେ। ବାଙ୍କୀ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବାପରେ ସନ୍ତୋଷ ଓ ବିଭୂତିଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ମନୋନୀତ

କଟକ ସଦର,୨୪।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ମଞ୍ଚର ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ସଭାପତି ଭାବେ ପ୍ରଫୁଲ୍ଲ ଚନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ଉପ ସଭାପତି ଅନନ୍ତ ଚରଣ ଦଳାଇ ଓ ଡ. ତ୍ରିଲୋଚନ ବେହେରା, ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଭୋଇ, ଯୁଗ୍ମ ସମ୍ପାଦକ ସରୋଜ କୁମାର ରାଉତରାୟ, ସହ ସମ୍ପାଦକ ମିର୍ଜା ଜାହେଦିନ ବେଗ୍, କୋଷାଧ୍ୟକ୍ଷ ବାବାଜୀ ଚରଣ ସାହୁ, ସମୀକ୍ଷକ ବଳରାମ ଦାସ ଓ ସଂଯୋଜକ ଭାବେ ଅଶୋକ କୁମାର ପଟ୍ଟନାୟକ ମନୋନୀତ ହୋଇଛନ୍ତି। ପୂର୍ବଭଳି ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ସ୍ୱାର୍ଥରକ୍ଷା ପାଇଁ ମଞ୍ଚ ପକ୍ଷରୁ କାର୍ଯ୍ୟ ଜାରି ରହିବ ବୋଲି ନୂତନ ସଭାପତି ଓ ସମ୍ପାଦକ କହିଛନ୍ତି।

### ସ୍ୱଚ୍ଛତା ପରିଚୟ ସୃଷ୍ଟି କରେ

କଣ୍ଟାପଡା,୨୪।୯(ସୁର ନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ବ୍ରାହ୍ମଣବାଟୀ ପଞ୍ଚାୟତ ସାନମୂଳାଇ ଗ୍ରାମର ଭୂଆସୁଣୀ ପୀଠରେ ସ୍ୱଚ୍ଛତା ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। କଟକ ଜିଲାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଣେ ବ୍ୟକ୍ତି ନିଜର ସ୍ୱଚ୍ଛତାରୁ ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ଜିଲା ପରିମଳ ପରାମର୍ଶଦାତା ତ୍ରିଦେବ ରଥ, ବିଦ୍ୟାଧର ଦାସ, କଣ୍ଟାପଡା ବିଡିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାଶ, ନିରଞ୍ଜନ ଦାସ, ଲୋପାମୁଦ୍ରା ଦାଶ ଯୋଗଦେଇ ଚାରାରୋପଣ କରିଥିଲେ। ମହାତ୍ମା ଗାନ୍ଧୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱଚ୍ଛଭାରତ ମିଶନର ସମ୍ପୂର୍ଣ୍ଣ ସଫଳତା ପାଇଁ ଉପସ୍ଥିତ ବ୍ୟକ୍ତି ଓ ଅଧିକାରୀମାନେ ଶପଥ ନେଇଥିଲେ। ସରପଞ୍ଚ ସଞ୍ଜୟ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କର'

**କଟକ ଜିଲା ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୀକ୍ଷା**

କଟକ,୨୪।୯ (କାର୍ତ୍ତିକ ସାହୁ)

କଟକ ଜିଲାରେ ଚାଲିଥିବା ପ୍ରମୁଖ ସରକାରୀ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋକପାତ କରାଯାଇଥିଲା। ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରାଯିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। କଟକ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଉନ୍ନତିକରଣ ତଥା ମନ୍ଦିର ସମ୍ମିଳିତ ସମସ୍ତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଯୋବ୍ରାଠାରୁ ବିରିବାଟି ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟର ସମୀକ୍ଷା କରି ୩୩ କେଭି ବିଦ୍ୟୁତ୍ ତାର ସ୍ଥାନାନ୍ତର ଉପରେ ଆଲୋଚନା ହୋଇଥିଲା। ଆୟତପୁରଠାରୁ ବଙ୍କଲ ପର୍ଯ୍ୟନ୍ତ ସୁକପାଇକା ଡ୍ରେନେଜ ପ୍ରକଳ୍ପ ନବୀକରଣ କାର୍ଯ୍ୟ, ଓଲଟପୁରସ୍ଥିତ ଏସ୍‌ଭି ନିର୍ତ୍ତାର ପାଇଁ ଆବଶ୍ୟକ ଥିବା ଜମି ଅଧିଗ୍ରହଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚୌଦ୍ୱାରଠାରେ ଓଟିଏମ୍ ନିକଟସ୍ଥ ସରକାରୀ ଜମିରୁ ଅବରୋଧ ହଟାଇ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ନରସିଂହପୁର ହାଡୁଆ ଜଳସେଚନ ପ୍ରକଳ୍ପ ଯୋଗୁ ପ୍ରଭାବିତ ହେବାକୁ ଥିବା ଜନବସତିର ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଜିଲାପାଳ ବିଶେଷ ଦୃଷ୍ଟି ଦେଇଛନ୍ତି। ୫୫ ନମ୍ବର ଜାତୀୟ ରାଜପଥ ରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଏବଂ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ଶିବ ଟପୋ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଦିବ୍ୟଲୋଚନ ମହାନ୍ତ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ଚରଣ ଶର୍ମା, କଟକ ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ କୁଳସଚିବ ଡ. ଅବିନାଶ ରାଉତ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ।

# ମେଢ଼ରେ ଲାଗିବ ଆଉ ୧୦ କେଜି ଚାନ୍ଦି

**ରାଣୀହାଟ ଦୁର୍ଗା ପୂଜା କମିଟି**



**ବିରାଜିବେ ମା'**

କଟକ,୨୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ପାଖେଇ ଆସୁଛି ଦଶହରା। ପୂଜା ପାଇଁ ବିଭିନ୍ନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ରାଣୀହାଟ ଦୁର୍ଗାପୂଜା କମିଟି। ମୂର୍ତ୍ତି ନିର୍ମାଣ ସମେତ ତୋରଣ ସଜାରେ ଲାଗି ପଡିଛନ୍ତି କାରିଗର। ସୁରୁଖୁରୁରେ ପୂଜା ସମ୍ପନ୍ନ ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଠାରେ ମା'ଙ୍କ ପାଇଁ ୨୦୦୪ରେ ୫.୫ କୁଇଣ୍ଟାଲ ଓଜନର ଚାନ୍ଦି ମେଢ଼ ରହିଥିଲା। ଚଳିତବର୍ଷ ଆଉ ୧୦ କେଜି ଓଜନର ଚାନ୍ଦି ଉକ୍ତ ମେଢରେ ଯୋଡ଼ାଯିବ। ଏଥିସହ ଚାନ୍ଦିମେଢର ଡିଜାଇନକୁ ରିମଡେଲିଂ କରାଯିବ। ଏହା କଟକର ସବୁଠୁ ବଡ଼ ଚାନ୍ଦିମେଢ଼ ବୋଲି କୁହାଯାଇଥାଏ। ମେଢ଼ କାମରେ କାରିଗର ଲାଗି ପଡିଛନ୍ତି। ଚଳିତବର୍ଷ ୩୦ ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ୮ ଫୁଟ୍ ଉଚ୍ଚତାର ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକର କୁନୁ ବେହେରା ଲାଗି ପଡିଛନ୍ତି। ମା'ଙ୍କର ୩.୫ କେଜି ଓଜନର ସୁନାମୁକୁଟ ସହ ୧କେଜି ଓଜନର ସୁନା ଅଳଙ୍କାର ରହିଛି। ପ୍ରାୟ ୭୦ ବର୍ଷ ହେବ ଏଠାରେ ଦୁର୍ଗାପୂଜା ପାଳନ ହୋଇଆସୁଛି। ବଙ୍ଗୀୟ ପରମ୍ପରାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥାଏ। କମିଟି ପକ୍ଷରୁ ଦୁଇଟି ଲାଇଟ୍ ଗେଟ୍ କରାଯିବ। ମହାଷ୍ଟମୀରେ ମା'ଙ୍କ ନିକଟରେ ପାଣିକଖାରୁ ବଳି ଦିଆଯିବା ସହ ମହିଳାମାନେ ବ୍ରତ ପୂଜା କରିବେ। ଦଶମୀରେ ମା'ଙ୍କ ନିକଟରେ ଦହି ପଖାଳ ଭୋଗ କରାଯାଇ ୧୦ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଭସାଣି ଶୋଭାଯାତ୍ରାରେ ଡେବରୀ ବାଜା, ପୁରୀର ଘଣ୍ଟବାଦ୍ୟ, ବଲାଙ୍ଗୀର ବାଦ୍ୟ, ବ୍ୟାଣ୍ଡ ପାର୍ଟି ସମେତ ପାରମ୍ପରିକ ବାଦ୍ୟ ସାମିଲ ହେବ।

**ସୁରକ୍ଷାକୁ ଅଧିକ ଗୁରୁତ୍ୱ**



"ମା'ଙ୍କ ଚାନ୍ଦିମେଢରେ ଚଳିତବର୍ଷ ଆଉ ୧୦ କେଜି ଓଜନର ଚାନ୍ଦି ଲଗାଯିବ। ଏଥିସହ ଆଲୋକରେ ସାଜସଜାକୁ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଶୃଙ୍ଖଳିତ ଭାବେ ଯେପରି ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିପାରିବେ ସେଥିପାଇଁ କମିଟିର ସଦସ୍ୟ ଦୃଷ୍ଟି ଦେବେ।

– ବିଜୟ କୁମାର ସାହୁ, ସଭାପତି

**ନୂଆ ଡିଜାଇନ ସହ ଅଧିକ ଚାନ୍ଦି ଯୋଡ଼ାଯାଇଛି**



"କଟକରେ ଚାନ୍ଦିମେଢ଼କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ରାଣୀହାଟ ପୂଜା କମିଟିର ଚାନ୍ଦି ମେଢ଼ ଉଚ୍ଚତା ସବୁଠୁ ବଡ଼ ରହିଛି। ଚଳିତବର୍ଷ ନୂଆ ଡିଜାଇନ ସହ ଅଧିକ ଚାନ୍ଦି ଯୋଡ଼ାଯାଇଛି। ଶୃଙ୍ଖଳିତ ପୂଜାକୁ ଗୁରୁତ୍ୱ ଦିଆଯିବ।

– ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ

## ସଂକ୍ଷେପରେ

### ୩ ମୋବାଇଲ ଫୋନ ଜବତ, ଯୁବକ ଗିରଫ

ବାଲୁଗାଁ,୨୪।୯(ସଂଗ୍ରାମ ପାଇକରାୟ)

ଘରେ ପଶି ମୋବାଇଲ ଫୋନ ଚୋରି କରୁଥିବା ଅଭିଯୋଗରେ ବାଲୁଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଅଧୀନ ଧୁରୁସୁରୀ ଗ୍ରାମର ସମୀର ମହାନ୍ତି(୨୨)। ତାଙ୍କ ନିକଟରୁ ୩ଟି ମୋବାଇଲ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୩୦୧/୨୪)ରୁଜୁ ହୋଇଛି। ଅଭିଯୋଗ ମୁତାବକ, ବାଲୁଗାଁ ଶାନ୍ତିନଗର ବଙ୍ଗୀୟ ବସ୍ତିରେ ରହୁଥିବା ନିତ୍ୟା ମଣ୍ଡଳ ସପରିବାର ଶୋଇଥିବା ବେଳେ ସୋମବାର ରାତି ପ୍ରାୟ ୨ଟାରେ ସମୀର ଘରେ ପଶି ଚୋରି ଉଦ୍ୟମ କରିଥିଲା। ପରିବାର ସଦସ୍ୟ ଉଠିପଡିବାରୁ ଟେବୁଲ ଉପରେ ରହିଥିବା ମୋବାଇଲ ଫୋନକୁ ଧରି ସମୀର ଦୌଡ଼ିଥିଲା। ପାଟି ଶୁଣି ସାହିବାସିନ୍ଦା ଗୋଡ଼ାଇ ତାକୁ ଧରି ପୋଲିସ ଜିମା ଦେଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିବା ସହ ମୋବାଇଲ ଫୋନ ଜବତ କରିଥିଲା।

### ୪ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ

ବେଗୁନିଆ,୨୪।୯(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ସାରୁଅ ପଞ୍ଚାୟତ ଅନ୍ତର୍ଗତ ଲୋକନାଥପୁରରେ ଥିବା ମୋବାଇଲ ଟାୱାରରୁ ଦୁର୍ବୃତ୍ତମାନେ ୪ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଟାୱାର କର୍ମଚାରୀମାନେ ଜାଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ବାଘମାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ପେଟ୍ରୋଲ ପମ୍ପ ମାଲିକଙ୍କୁ ଆକ୍ରମଣ, ଜଣେ ଗିରଫ

ବାଲିପାଟଣା,୨୪।୯(ଅଭିମନ୍ୟୁ ନାୟକ)

ପେଟ୍ରୋଲ ପମ୍ପ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାଲିପାଟଣା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟ ନାରାୟଣ ଭୋଇ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୪/୨୪)ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଛକଠାରେ ଜଗନ୍ନାଥ ପଣ୍ଡାଙ୍କ ଏକ ପେଟ୍ରୋଲ ପମ୍ପ ରହିଛି। ସେଠାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ତେଲ ପକାଇବାକୁ ଆସିଥିଲେ। ତେବେ କୌଣସି କାରଣକୁ ନେଇ ସେମାନଙ୍କର ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଏଠାରେ ଗ୍ରାହକ ଅଛନ୍ତି, ତେଣୁ ପାଟିତୁଣ୍ଡ ନ କରି ଚାଲିଯିବାକୁ ଯୁବକମାନଙ୍କୁ ପେଟ୍ରୋଲ ପମ୍ପ ମାଲିକ ପଣ୍ଡା କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କର ବାମ ହାତର ଦୁଇଟି ସ୍ଥାନରେ କ୍ଷତ ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରିଛି।

# ସମନ୍ୱୟତା ଗଢ଼ିବ କୁପୋଷଣମୁକ୍ତ ଭାରତ

ଖୋର୍ଦ୍ଧା,୨୪।୯(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପୋଷଣ ମାସ ଉତ୍ସବ ପାଳିତ ହୋଇଯାଇଛି। ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଜିଲାପାଳ ରାଣା କହିଥିଲେ, କୁପୋଷଣ ମୁକ୍ତ ସମାଜ ଓ ଦେଶ ଗଠନରେ ସମସ୍ତଙ୍କ ସହଭାଗିତା, ସମନ୍ୱୟତା ଜରୁରୀ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଥିଲେ, ଟିମ୍ ୱାର୍କ କୁପୋଷଣ ମୁକ୍ତ ଭାରତ ଗଠନ ଦିଗରେ ସଫଳତା ଆଣିବ। ସେ ଆହୁରି କହିଥିଲେ, କୁ-ପୋଷଣଯୁକ୍ତ ଶିଶୁଟିଏ ଦେଶର ଉନ୍ନତିର ପଥକୁ ଅବରୋଧ କରିଥାଏ, ତେଣୁ ସମସ୍ତ ବିଭାଗୀୟ କର୍ମକର୍ତ୍ତା ଏହାକୁ ଆହ୍ୱାନ ଭାବି ଗ୍ରହଣ କରି କାମକଲେ ସବୁଜ, ସୁସ୍ଥ, ସୁନ୍ଦର ଭାରତବର୍ଷ ଗଠନ ହୋଇପାରିବ। କିଶୋରୀମାନଙ୍କୁ ସୁଷମ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସଚେତନ କରାଇଲେ ସେ ଆଗାମୀ ଦିନରେ ଏକ ସୁସ୍ଥ ମା' ହେବା ସହ ସୁସ୍ଥ ଶିଶୁଟିକୁ ଜନ୍ମ ଦେଇ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହେଇପାରିବ। ଜିଲାପାଳ ଓ ଅନ୍ୟ ଅତିଥିମାନେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ରନ୍ଧନ ଖାଦ୍ୟ ସହ ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟର ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନୀଙ୍କୁ ପୁରସ୍କୃତ କରାଯାଇଛି। ମେଡିକାଲ ଟିମ୍‌ଙ୍କ ଦ୍ୱାରା ରକ୍ତହୀନତା ପରୀକ୍ଷା କରାଯାଇଛି। ଉତ୍ସବରେ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଏଏନ୍‌ଏମ୍, ଆଶା, କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ପ୍ରସୂତି ମା' ଯୋଗଦେଇଥିଲେ। ଉତ୍ସବକୁ ପୋଷଣ ଜିଲା ସଂଯୋଜିକା ଅଭୀଲିପ୍ସା ବେହେରା ସଂଯୋଜନା କରିଥିବା ବେଳେ ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି ଧନ୍ୟବାଦ ଦେଇଥିଲେ। ଜିଲା ସୁରକ୍ଷା ଅଧିକାରୀ ସୌଦାମିନୀ ଦାଶ, ମମତା ସଂଯୋଜକ ସୁରଥ ବିଶ୍ୱାଳ, ଲକି ପ୍ରସାଦ ବଳିୟାରସିଂ, ଜାନକୀ ମାଝି, ସଙ୍ଗୀତା ନାୟକ, ଶୁଭସ୍ମିତା ବେହେରା, ଚନ୍ଦନ ହାଁସଦା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାସ୍ତରୀୟ ପୋଷଣ ମାସ ପାଳନ ଅବସରରେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଜିଲାପାଳ ଚଞ୍ଚଳ ରାଣା ବୁଲି ଦେଖୁଛନ୍ତି।

## ଜିଲାସ୍ତରୀୟ ପୋଷଣ ମାସ ଉତ୍ସବ

### କେଜିଏରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୨୪।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ହରିପୁର ଗ୍ରାମ ଟାଙ୍ଗୀସାହିର ଓମ୍ ପ୍ରକାଶ ସ୍ୱାଇଁ ଓରଫ ହାପି। ପୋଲିସ ସୂଚନା ମୁତାବକ, ହାପି ଦୀର୍ଘଦିନ ହେବ ଗଞ୍ଜେଇ ବ୍ୟବସାୟ କରିଆସୁଥିଲେ। ମଙ୍ଗଳବାର ଗଞ୍ଜେଇ ନେଇଯାଉଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା। ତାଙ୍କ ନିକଟରୁ ୧କେଜି ୯୩୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ବେଗୁନିଆ ଥାନା ଉପନିରୀକ୍ଷକ ପ୍ରଦିପ୍ତା ରାଉତରାୟଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିବାବେଳେ ଉପନୀରିକ୍ଷକ ଉମାକାନ୍ତ ବେହେରା ଘଟଣାର ତଦନ୍ତ କରୁଛନ୍ତି।

# 'ସ୍ୱଚ୍ଛତା ହିଁ ସେବା' ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୨୪।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟାପକ ବିଧୁଭୂଷଣ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପକ ଡ. ସୋମନାଥ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ମହାବିଦ୍ୟାଳୟ ଚତୁଃପାର୍ଶ୍ୱରୁ ଆବର୍ଜନା ସଫେଇ କରାଯାଇଥିଲା। ଏହି ଅବସରରେ ଏକ ସଭା ହୋଇଥିଲା। 'ସ୍ୱଚ୍ଛତା ହିଁ ସେବା' ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ସେବା ଜରିଆରେ ଛାତ୍ରୀଛାତ୍ରମାନେ ନିଜ ବ୍ୟକ୍ତିତ୍ୱର ବିକାଶ ସାଧନ କରିପାରୁଛନ୍ତି। ଉଚ୍ଚ ମାଧ୍ୟମିକସ୍ତରରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜର ଶିକ୍ଷାର୍ଥୀ ଜୀବନକୁ ଅଧିକ ଶକ୍ତିଶାଳୀ କରିପାରୁଛନ୍ତି। ଶିକ୍ଷା, ସେବା, ତତ୍ତ୍ୱ ଏବଂ ପ୍ରୟୋଗ, ସମସ୍ୟା ଏବଂ ସମାଧାନ, ମାନ ଓ ମୂଲ୍ୟବୋଧ, ଏକତା ସର୍ବୋପରି ବ୍ୟକ୍ତିବାଦ ଏବଂ ରାଷ୍ଟ୍ରବାଦ ମଧ୍ୟରେ ଏହି ଯୋଜନା ବଡ଼ ଦାୟିତ୍ୱ ତୁଲାଇ ପାରୁଛି। ସେହିପରି ସ୍ୱଚ୍ଛତା, ସବୁଜିମା, ସୌନ୍ଦର୍ଯ୍ୟକରଣ ସହିତ ଅନୁନ୍ନତ ବର୍ଗର ଲୋକମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଏବଂ ଚଳଣି ଅଭିବୃଦ୍ଧିରେ ସହଯୋଗ କରିପାରୁଛି ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରିଣୀ ବିଜୟଲକ୍ଷ୍ମୀ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସଲିଳ କୁମାର ବଡ଼ଜେନା ଧନ୍ୟବାଦ ଦେଇଥିଲେ।

# ସୋଲାର ବାଡ଼ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ


ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ଏବଂ ଅନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ନିରାକାରପୁର,୨୪।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ ନନପଡ଼ା ମୌଜାରେ ପ୍ରତିବର୍ଷ ହାତୀ ଓ ବୁଲା ଗାଈଗୋରୁଙ୍କ ଯୋଗୁ ବ୍ୟାପକ ଧାନଫସଲ ନଷ୍ଟ ହେଉଛି। ଏନେଇ ଚାଷୀ କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ବନ ବିଭାଗର ସହଭାଗିତାରେ ଏଠାରେ ଥିବା ୫ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଚାଷକ୍ଷେତର ଚତୁଃପାର୍ଶ୍ୱରେ ସୋଲାର ଝଟକା ବାଡ ନିମନ୍ତେ ମୋଟ ୧୯ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ସେହି ଅନୁସାରେ କେତେକ ସ୍ଥାନରେ ବାଡ଼ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଆଉ କିଛି ସ୍ଥାନରେ ସରିନାହିଁ। ଜଙ୍ଗଲୀ ହାତୀ ଆଗମନ ଦୃଷ୍ଟିରୁ ତୁରନ୍ତ ଅବଶିଷ୍ଟ କାର୍ଯ୍ୟ ସାରିବାକୁ ଚାଷୀ କମିଟି ପକ୍ଷରୁ ଦାବି ହୋଇଥିଲା। ମଙ୍ଗଳବାର ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କ୍ଷେତ୍ର ପରିଦର୍ଶନ କରିବା ସହ ଚାଷୀ କମିଟି ଅଧ୍ୟକ୍ଷ ବିପିନ କୁମାର ଜୟସିଂହ ଏବଂ ଠିକା ସଂସ୍ଥା ସହ ଆଲୋଚନା କରିଥିଲେ। ଅବଶିଷ୍ଟ ସ୍ଥାନରେ ତୁରନ୍ତ ସୋଲାର ବାଡ଼ କାର୍ଯ୍ୟ ଶେଷ କରିବାକୁ ଡିଏଫ୍‌ଓ ପାଣ୍ଡିଆନ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଡମ୍ବରୁଧର ପରିଡ଼ା, ବିପିନ ରାଉତରାୟ, ଅନନ୍ତ ରାସିଂ, ଆଲୋକ ରଞ୍ଜନ ଛୋଟରାୟ, ରବି ମାଝୀ, ଗାଣ୍ଟୁ ବଳିୟାରସିଂହ, ମୁରଲୀଧର ହରିଚନ୍ଦନ, ବିଜୟ ଜୟସିଂହ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ସେବା ହିଁ ପ୍ରକୃଷ୍ଟ ମାଧ୍ୟମ

ବାଲୁଗାଁ,୨୪।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ମଙ୍ଗଳବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ୫୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ପରେ ସ୍ୱେଚ୍ଛାସେବୀ ପ୍ରଜ୍ଞାସ୍ମିତା ସାହୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସେମାନଙ୍କର ନିଷ୍ଠା ଓ ସେବା ମାଧ୍ୟମରେ ବାଲୁଗାଁ ମହାବିଦ୍ୟାଳୟର ଗରିମାକୁ ରାଜ୍ୟ ଓ ଜାତୀୟ ସ୍ତରରେ ବହୁଗୁଣିତ କରିପାରିଛନ୍ତି। ବକ୍ତା ଭାବେ ସମାଜସେବୀ ଶ୍ରୀସୋମ ଯୋଗଦେଇ ଜାତୀୟ ସେବା ଯୋଜନାର ବହୁମୁଖୀ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ସହ ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ ଓ ସର୍ଜନାତ୍ମକ ଦକ୍ଷତା କିପରି ପରିପୂରକ ତାହା ଉପସ୍ଥାପନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀର ଅନ୍ତର୍ନିହିତ ଶକ୍ତିର ବିକାଶ ଘଟିବା ସହ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସେ ସହଭାଗୀ ହୋଇଥାଏ। ତେଣୁ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ସେବା ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବିବେକାନନ୍ଦ କେନ୍ଦ୍ର ସଞ୍ଚାଳକ ବୈରାଗୀ ବଳ ଓ ସ୍ୱେଚ୍ଛାସେବୀ ଆସ୍‌ମା ବେଗମ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଝରଣା ନାଥ, ସ୍ନିଗ୍ଧାରାଣୀ ମୁଦୁଲି, ପୂର୍ବତନ ସ୍ୱେଚ୍ଛାସେବୀ ବବୁଲ ରଣସିଂହ, ସନ୍ଧ୍ୟାରାଣୀ ବେହେରା ଓ ମୋନାଲିସା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳନ ହୋଇଥିବା ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଓ ରଶ୍ମିପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଏନ୍‌ଏସ୍‌ଏସ୍ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ଷୋଡ଼ଶ ପୂଜା ପାଇଁ ମା' ଭଗବତୀଙ୍କ ପୀଠ ଚଳଚଞ୍ଚଳ

ବାଣପୁର,୨୪।୯(ଦିଲୀପ କୁମାର ସ୍ୱାଇଁ)

ଷୋଡ଼ଶ ଉପଚାର ପୂଜା ପାଇଁ ମଙ୍ଗଳବାର ବାଣପୁରର ମା' ଭଗବତୀଙ୍କ ପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ଅମୃତଲଗ୍ନରେ ସ୍ରୋତ୍ରୀୟ ବ୍ରାହ୍ମଣ ପଣ୍ଡିତ ବାମନ ଚରଣ ଦାଶଙ୍କ ମନ୍ତ୍ର ଉଚ୍ଚାରଣ, ଘଣ୍ଟାଘଣ୍ଟ କାହାଳୀ, ଢୋଲ, ମହୁରି ଏବଂ ପାଳିଆ ମାଳିଙ୍କ ଡାକ ସହସ୍ରକୁମ୍ଭ ସୁବାସିତ ଜଳରେ ସ୍ନାନ କରାଯାଇ ରାଜାଙ୍କ ପ୍ରଦତ୍ତ ପାଟବସ୍ତ୍ର, କୁଞ୍ଜି କାନି ମନ୍ଦାରମାଳ ପରିଧାନ ପରେ ସେବାୟତଙ୍କ ଗହଣରେ ମା'କାଠି ଠାକୁରାଣୀ ଥାଟ ପଟୁଆରରେ ନୃତ୍ୟ କରି ପର୍ବଗୃହକୁ ବିଜେ କରିଛନ୍ତି। ନିଶାର୍ଦ୍ଧରେ ହୋଇଥିଲା ସ୍ୱତନ୍ତ୍ର ପୂଜା।

ମା'କନକଦୁର୍ଗା କଦଳୀ ବୃକ୍ଷ ଆମ୍ବପତ୍ର ତୋରଣ ଆଚ୍ଛାଦିତ ସ୍ନାନବେଦୀରେ ସ୍ନାନ ସାରି ସିଂହାସନକୁ ବିଜେ କରିବା ପରେ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ମନ୍ଦିରର ପରମ୍ପରାକ୍ରମେ ଅଷ୍ଟମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଭଗବତୀଙ୍କ ଚଳନ୍ତି ପ୍ରତିମା ମା'କାଠି ଠାକୁରାଣୀ ବନଦୁର୍ଗା ବେଶରେ ପ୍ରତିଦିନ ସନ୍ଧ୍ୟାରେ ନୃତ୍ୟ କରି ନିଜ ମନ୍ଦିରର ପର୍ବଗୃହରେ ବିଜେ କରିବା ପରେ ବାହାର ପର୍ବ ଅନୁଷ୍ଠିତ ହେବ। ପରମ୍ପରା ଅନୁସାରେ ଆଶ୍ୱୀନ କୃଷ୍ଣ ଅଷ୍ଟମୀଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଏହିଭଳି ଦେବୀନୃତ୍ୟ କେବଳ ଏହି ପୀଠର ନିଆରା ପରମ୍ପରା ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।



# ମା'ଉଗ୍ରତାରା, ଉତ୍ତରାୟଣୀଙ୍କ ପୀଠରେ ଷୋଳପୂଜା ଆରମ୍ଭ

ନିରାକାରପୁର/ଜଟଣୀ,୨୪।୯(ମାନସ ଚନ୍ଦ୍ର ପଟ୍ଟନାୟକ/ରବୀନ୍ଦ୍ରନାଥ ମହାକୁଡ଼)

ଟାଙ୍ଗୀ ବ୍ଲକ ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ମୂଳିଝରଗଡ଼ ହାତିଆଶୁଣି ପାହାଡ଼ ପାଦଦେଶରେ ଥିବା ମା'ଉଗ୍ରତାରାଙ୍କ ପୀଠରେ ପରମ୍ପରା ଅନୁଯାୟୀ ମଙ୍ଗଳବାର ଷୋଳପୂଜା ନୀତି ଆରମ୍ଭ ହୋଇଛି। ଏହି ଅବସରରେ ମା'ଙ୍କୁ ଅଗୁର, ଚନ୍ଦନ, କର୍ପୂର ଆଦି ମିଶ୍ରିତ ସୁଶୀତଳ ଜଳରେ ସ୍ନାନ କରାଯାଇଥିଲା। ନୂତନ ବସ୍ତ୍ର ପିନ୍ଧାଯିବା ପରେ ସୁଗନ୍ଧ ପୁଷ୍ପ ହାରରେ ସଜ୍ଜିତ କରାଯାଇଥିଲା। ପରେ ମଙ୍ଗଳ ଆଳତି କରାଯାଇ ଚୁଡ଼ାଘସା, ଖଇ, କୋରା ସେଓ, ଅଙ୍ଗୁର, କଦଳୀ, ନଡ଼ିଆ ଆଦି ଶୁଖିଲା ଭୋଗ ଲାଗି କରାଯାଇଥିଲା। ମା'ଙ୍କର ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ହରିବୋଲ, ହୁଳହୁଳି ଓ ମନ୍ତ୍ରରେ ମନ୍ଦିରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମଧ୍ୟାହ୍ନରେ ଦହି ପଖାଳ, ଖିରି, ଖେଚୁଡ଼ି ମା'ଙ୍କୁ ଅର୍ପଣ କରାଯାଇଥିଲା। ସେହିପରି ରାମେଶ୍ୱର ପଞ୍ଚାୟତରେ ଥିବା ମା'ବନଦୁର୍ଗା ଓ ହାଡ଼ପଦାର ଦକ୍ଷିଣୀ ଚଣ୍ଡୀ, ଗୋଳବାଇର ମା' ଭଗବତୀ, ଡିଆସ୍ଥିତ ନାରାୟଣୀଙ୍କ ପୀଠରେ ଏହି ପୂଜା ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି।


ମା'ଉଗ୍ରତାରା।


ମା'ଉତ୍ତରାୟଣୀ।

ସେହିପରି ଜଟଣୀର ଆରାଧ୍ୟ ମା' ଉତ୍ତରାୟଣୀଙ୍କ ପୀଠରେ ଷୋଳପୂଜା ଆରମ୍ଭ ହୋଇଛି। ସକାଳେ ସୁବାସିତ ଜଳରେ ସ୍ନାନ ପରେ ମା' ନୂତନ ବସ୍ତ୍ର ପରିଧାନ କରିଥିଲେ। ପରେ ମା'ଙ୍କ ପାଖରେ ବାଳଭୋଗ ଲାଗି ହୋଇଥିଲା। ଏହା ସହ ପୀଠରେ ଚଣ୍ଡୀପାଠ କରାଯାଇଥିଲା। ମଧ୍ୟାହ୍ନରେ ମା'ଙ୍କ ନିକଟରେ ଅନ୍ନ ଭୋଗ ଲାଗି ହୋଇ ପହଡ଼ ପଡିଥିଲା। ସନ୍ଧ୍ୟା ଆଳତି ସମୟରେ ମା'ଙ୍କ ନିକଟରେ କାକେରା, ଏଣ୍ଡୁରି ଓ ଖିରି ଭୋଗ ଲାଗି ହେବା ପରେ ଉପସ୍ଥିତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ମା'ଙ୍କ ଆଶୀର୍ବାଦ ଯୋଗୁ ପୀଠରେ ପ୍ରବଳ ଗହଳି ହୋଇଥିଲା। ଷୋଳଦିନାତ୍ମକ ପୂଜାର ପ୍ରଥମ ଦିବସରେ ମନ୍ଦିର ପୂଜକ ସଞ୍ଜୟ ଦାସ ଓ ସାଥି ପୂଜା ନୀତିସମ୍ପନ୍ନ କରିଥିଲେ।

